# ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନୀଳଗିରିଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ଅଦ୍ୟ ଅପରାହ୍ନ ସାଢ଼େ ଚାରି ଘଟିକା ସମୟରେ ସ୍ଥାନୀୟ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ତଥା ଦଣ୍ଡାଧିକାରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର,ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବସନ୍ତ ରାଉଳ,ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦିବ୍ୟ ଜ୍ୟୋତି ଦାଶ,ଏନ୍ ଏ ସି ନିର୍ବାହୀ ଅଧକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା, ବଂଶାନୁକ୍ରମିକ ଠାକୁର ମହଲ ଟ୍ରଷ୍ଟି ଶ୍ରୀମତୀ ମୋନୋଜା ମଞ୍ଜରୀ ଦେବୀ, ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଏନ୍ ଏ ସି.କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେର ପ୍ରମୁଖ ମଂଚାସିନ ଥିଲେ ।ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ/ସଦସ୍ୟମାନଙ୍କୁ ଉଭୟ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ



ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶ କ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି ।ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତରରେ ମହାରଣା ଓ ସହଯୋଗୀ ରଥର ଆନୁଷଙ୍ଗିକ ସମସ୍ତ ନିର୍ମାଣ କାର୍ଯ୍ୟର ସମାପ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବା ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ରଥର ଯୋଗ୍ୟତା ପ୍ରମାଣ ପତ୍ର ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସି ସି ଟିଭି ବ୍ୟବସ୍ଥା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ବା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ।ରଥାରୂଢ଼ ସଦସ୍ୟ ଓ ବକ୍ତା ରଥ ଉପରେ କେଉଁ ପ୍ରବଚକ, ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି ।ଜଳ ଓ ବିଦ୍ୟୁତ ସେବା ନିରବିଛିନ୍ନ ଭାବେ ଜାରି ରଖିବା ।ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବା ଜନ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟଜଳଯୋଗାଣ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତି ହୋଇଛି । ରଥ ଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବା ପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଂଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ,ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯିବା ସହ ବାଲେଶ୍ୱର ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ସ୍ଥାନୀୟ ପ୍ରଦର୍ଶନୀ ଭଳି ପଡ଼ିଆରେ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ । ଏହି ମହାପ୍ରଭୁଙ୍କ ମହାନ ପବିତ୍ର ଘୋଷ ଯାତ୍ରା ପାଇଁ ଦ୍ୱିତୀୟ ତଥା ଚୂଡ଼ାନ୍ତ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ,ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତା,ଆଇନଜୀବୀ,ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ବୈଠକର ସଫଳତା ନିମନ୍ତେ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନ ଓ ଲୋକସଂପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଚିନ୍ମୟ ଅମୃତ ଯାତ୍ରା'କୁ ସ୍ୱାଗତ

ବାଲେଶ୍ୱର,(ନ.ପ୍ର.): 'ଚିନ୍ମୟ ମିଶନ'ର ଅମୃତ ମହୋତ୍ସବ ଅବସରରେ 'ଚିନ୍ମୟ ଅମୃତ ଯାତ୍ରା' କାର୍ଯ୍ୟକ୍ରମ କୁରୁଡ଼ାସ୍ଥିତ ବାଲେଶ୍ୱର ଚିନ୍ମୟ ସତ୍‌ସଙ୍ଗ କକ୍ଷରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅମୃତଯାତ୍ରାକୁ ବାଲେଶ୍ୱରରେ ସ୍ୱାଗତ କରାଯାଇଛି । ଗାନ୍ଧୀସ୍ମୃତି ଭବନ ଠାରୁ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଏକ ସୁସଜ୍ଜିତ ଘୋଡ଼ାଗାଡ଼ିରେ ଚିନ୍ମୟ ମିଶନ ପର୍ଯ୍ୟନ୍ତ ହରିନାମ ସଂକୀ□ନ ସହ ଅଣାଯାଇଥିଲା । ଏଥିରେ ବହୁ ସ୍କୁଲ୍ ଛାତ୍ରଛାତ୍ରୀ ଓ ଶତାଧିକ ଭକ୍ତ ଯୋଗ ଦେଇଥିଲେ । ଚିନ୍ମୟ ମିଶନର ୭୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ 'ଚିନ୍ମୟ ଅମୃତଯାତ୍ରା' ୨୦୨୫ ଡିସେମ୍ବର ୩୧ରୁ ଚିନ୍ମୟ ବିଭୁତି ପୁନେ ଠାରୁ ବାହାରି ଦୀର୍ଘ ୩୫୦୦୦ରୁ ଊର୍ଦ୍ଧ୍ୱ କିଲୋମିଟର ଦେଶବ୍ୟାପୀ ଭ୍ରମଣ କରି ୧୯୪ ଦିନ ପରେ ଓଡ଼ିଶାର ବାଲେଶ୍ୱରଠାରେ ଗୁରୁବାର ଦିନ ପହ□ିଥିଲା । ସର୍ବସାଧାରଣଙ୍କ ଦର୍ଶନବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ମିଶନର 'ସତ୍‌ସଙ୍ଗ ହଲ୍'ରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବାଲେଶ୍ୱର ଶାଖାର ସଭାପତି ଡ. କ୍ଷିତୀଶ୍ୱର ଦାଶ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦିବାକର ମହାପାତ୍ର ବାଲେଶ୍ୱର ଚିନ୍ମୟ ମିଶନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ବକ୍ତବ୍ୟରେ କହିଥିଲେ । ଉପସ୍ଥିତ ସମସ୍ତ ସ୍ୱାମୀଜୀ, ବ୍ରହ୍ମଚାରୀ ଓ ଅତିଥିଙ୍କୁ ମ□ ଆହ୍ୱାନ କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ଶିଶୁମନ୍ଦିର ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଅତିଥିମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ମିଶନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚିନ୍ମୟ ମିଶନ, ରାଉରକେଲାର ଆଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦ ସରସ୍ୱତୀ ଅମୃତ ଯାତ୍ରା ଟିମ୍‌ର ମୁଖ୍ୟ ଦାୟିତ୍ୱରେ ଆସିଥିବା ବ୍ରହ୍ମଚାରୀ ସୁଧୀର ଚୈତନ୍ୟ, ବ୍ରହ୍ମଚାରିଣୀ ତାରିଣୀ ଚୈତନ୍ୟ ଓ ଉଦଳା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ ପ୍ରମୁଖ ତାଙ୍କର ବକ୍ତବ୍ୟରେ ଚିନ୍ମୟ ମିଶନର ପ୍ରତିଷ୍ଠାତା ସ୍ୱାମୀ ଚିନ୍ମୟାନନ୍ଦଙ୍କ ଅବଦାନ ଓ ଚିନ୍ମୟ ମିଶନର ଭୂମିକା ବିଷୟରେ କହିଥିଲେ । ମୁଖ୍ୟଅତିଥି ଅବସରପ୍ରାପ୍ତ ସେନା ଅଧିକାରୀ କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର ଉପସ୍ଥିତ ରହି ଆଧ୍ୟାତ୍ମିକ ଜୀବନ, ସଂସ୍କାର ଓ ସେବାଭାବ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ ସତ୍‌ସଙ୍ଗ ଓ ଆଶୀର୍ବଚନ ମାଧମରେ ଉପସ୍ଥିତ ଭକ୍ତବୃନ୍ଦ ଓ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ଜୀବନର ମହ□ ସଂପର୍କରେ ଆଲୋକପାତ କରିଥିଲେ ଓ ବାଲେଶ୍ୱର ଚିନ୍ମୟ ମିଶନ ତରଫରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରିଥିଲେ ।




କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମିଶନର କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ଡ. ବେଣୁମାଧବ ଶତପଥୀ, ହରିଶ୍ଚନ୍ଦ୍ର ସାହୁ, ବିଜୟ କୁମାର ଦାସଅଧିକାରୀ, ରଜନୀକାନ୍ତ ବେହେରା, ରବି ନାରାୟଣ ଭୋଳ, ତ୍ରିଲୋଚନ ଦାସମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ମାନସ ରଞ୍ଜନ ମହାଲିକ, ଅନିରୁଦ୍ଧ ବେହେରା, ଅମୂଲ୍ୟ କୁମାର ସେଠୀ, ପ୍ରଦୀପ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଆଜି ସକାଳ ୮ଟାରେ ଅମୃତଯାତ୍ରା ବାହିନୀ କଲିକତା ଅଭିମୁଖେ ଯାତ୍ରା କରିଛନ୍ତି । ଶେଷରେ ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ହେବ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ

ବାଲେଶ୍ୱର, (ନି.ପ୍ର.) : ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଆସନ୍ତା ଜୁଲାଇ ୧୧ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯିବ । ଚଳିତ ବର୍ଷର 'ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର-୨୦୨୬' ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ପତ୍ରିକା ସମ୍ପାଦକ ଶ୍ରୀ ବଳରାମ (ବଳରାମ ପ୍ରେମ ନାରାୟଣ)ଙ୍କୁ ପ୍ରଦାନ କରାଯିବ ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପୁରସ୍କାର ଘୋଷଣା କରି କହିଛନ୍ତି ଯେ, ହିନ୍ଦୀ ଭାଷା ଓ ସାହିତ୍ୟ ପ୍ରତି ଶ୍ରୀ ବଳରାମଙ୍କର ଅସାଧାରଣ ଅବଦାନ ଏବଂ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଦୀର୍ଘଦିନର ସୃଜନଶୀଳ ଭୂମିକାକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି । ଓଡ଼ିଆ କଥାସାହିତ୍ୟର ଯୁଗପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏହି ସମ୍ମାନ ସହ ଏକ ପ୍ରଶସ୍ତିପତ୍ର ଏବଂ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ ।ଉତରପ୍ରଦେଶର କାନପୁର ଜିଲ୍ଲାର ଭୌପୁର-ବିଠୁରୁ ଗ୍ରାମରେ ୧୫ ନଭେମ୍ବର ୧୯୫୧ରେ ଜନ୍ମିତ ଶ୍ରୀ ବଳରାମ ସମକାଳୀନ ହିନ୍ଦୀ କଥାସାହିତ୍ୟର ଅନ୍ୟତମ ପ୍ରମୁଖ ସ୍ରଷ୍ଟା । ସାମାଜିକ ବାସ୍ତବତା ଓ ଗ୍ରାମୀଣ ଜୀବନର ସ୍ପନ୍ଦନକୁ ନିଜ ସୃଜନରେ ସଫଳତାର ସହ ଉପସ୍ଥାପନ କରି ସେ ହିନ୍ଦୀ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସେ ହିନ୍ଦୀ ଦୈନିକ 'ଆଜ୍'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରି ପରବର୍ତୀ ସମୟରେ 'ସାରିକା'ର ସହ-ସମ୍ପାଦକ, 'ନବଭାରତ ଟାଇମ୍ସ'ର ସହଯୋଗୀ, 'ଶବ୍ଦଯୋଗ'ର ପ୍ରତିଷ୍ଠାତା ଏବଂ ୨୦୦୫ ମସିହାରୁ 'ଲୋକାୟତ'ର ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି । 'ପ୍ରେମଚାନ୍ଦ ରଚନାବଳୀ', 'ଭାରତ କଥା କୋଷ' ଏବଂ 'ଇନ୍ଦ୍ରାବତୀ' ପରି ବହୁ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ସମ୍ପାଦନା କରିଥିବା ସହ ସେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍ ?ସିଇଆ ?ଟି)ର ପାଠ୍ୟକ୍ରମ କମିଟିର ସଦସ୍ୟ ଥିଲେ । ସାହିତ୍ୟ ଏକାଡେମୀ ପକ୍ଷରୁ ଜର୍ମାନୀର ଫ୍ରାଙ୍କଫର୍ଟ ପୁସ୍ତକ ମେଳାରେ ଭାରତୀୟ ଭାଷାର ପ୍ରତିନିଧିତ୍ୱ କରିଥିବା ବେଳେ ପରେ



ସାହିତ୍ୟ ଏକାଡେମୀର ପ୍ରତିଷ୍ଠିତ ପତ୍ରିକା 'ସମକାଳୀନ ଭାରତୀୟ ସାହିତ୍ୟ'ର ସମ୍ପାଦନା ମଧ୍ୟ କରିଛନ୍ତି । ସାହିତ୍ୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ 'ସାହିତ୍ୟ ଭୂଷଣ ସମ୍ମାନ', 'ଭୀମରାଓ ଆମ୍ବେଦକର ସମ୍ମାନ' ଓ 'ସାହିତ୍ୟକାର ସମ୍ମାନ' ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।ପ୍ରତିଷ୍ଠା ଦିବସ ଅବସରରେ 'ବ୍ୟାସ ଗୌରବ ସମ୍ମାନ-୨୦୨୬' ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ଭଦ୍ରକର ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୋମା ଚାନ୍ଦଙ୍କୁ ପ୍ରଦାନ କରାଯିବ ।ଯୁବ କଥାସାହିତ୍ୟିକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରବର୍ତିତ 'ଫକୀର ମୋହନ ବିଶ୍ୱବିଦ୍ୟାଳୟ ଯୁବ ଗାଳ୍ପିକା ସମ୍ମାନ-୨୦୨୬' ବାଲେଶ୍ୱରର ଯୁବ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କୁ ପ୍ରଦାନ କରାଯିବ ।ଉଦୀୟମାନ କଥାସାହିତ୍ୟିକଙ୍କୁ ପ୍ରୋତ୍ସାହନ ଦେବା ପାଇଁ 'ମନୋଜାୟନ' ପକ୍ଷରୁ ପ୍ରାୟୋଜିତ 'ମନୋଜ ନବପ୍ରତିଭା କଥା ପୁରସ୍କାର-୨୦୨୬' ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ଶ୍ରୀ ବାବୁଲ କୁମାର କବିଙ୍କୁ ପ୍ରଦାନ କରାଯିବ ।ଓଡ଼ିଶା ଆସୋସିଏସନ୍ ଫର୍ ଇଂଲିଶ୍ ଷ୍ଟଡିଜ୍ ପକ୍ଷରୁ ପ୍ରାୟୋଜିତ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୬' କବୟିତ୍ରୀ ସୋନାଲି ନାୟକଙ୍କୁ ପ୍ରଦାନ କରାଯିବ । ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରବର୍ତିତ 'ଡଃ ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର' ରାଜଲକ୍ଷ୍ମୀ ବେହେରାଙ୍କୁ ପ୍ରଦାନ କରାଯିବ ।ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷରେ ଏମ୍ ?ବିବିଏସ୍ ପରୀକ୍ଷାର ମେଡିସିନ୍ ଏବଂ ସର୍ଜରୀ ବିଷୟରେ ସର୍ବାଧିକ ନମ୍ବର ହାସଲ କରିଥିବା ଛଅଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ମେଡିସିନ୍ ବିଭାଗରେ ତନୁ ମିତଲ, ତିଥି ପ୍ରକାଶ ଦଳାଇ ଓ ଅତିଶ୍ନା ଐଶ୍ୱର୍ଯ୍ୟଙ୍କୁ ଏବଂ ସର୍ଜରୀ ବିଭାଗରେ ପ୍ରୟାସ କୁମାର ଲେଙ୍କା, ଅଞ୍ଜନେୟ ଆଚାର୍ଯ୍ୟ ଓ ମୁଗ୍ଧା ପ୍ରିୟଦର୍ଶନୀଙ୍କୁ ପୁରସ୍କୃତ କରାଯିବ । ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ପ୍ରତିଷ୍ଠା ଦିବସ ବକ୍ତୃତା ଶ୍ରୀ ବଳରାମ ପ୍ରେମ ନାରାୟଣ ପ୍ରଦାନ କରିବେ ।ବାଲେଶ୍ୱର ଲୋକସଭାର ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ଅଧକ୍ଷତା କରିବେ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ ।ବିଶ୍ୱବିଦ୍ୟାଳୟର ଏହି ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ ଉଚ୍ଚଶିକ୍ଷାରେ ଉତ୍କର୍ଷତା, ସାହିତ୍ୟ ସାଧନା, ସାମାଜିକ ଦାୟିତ୍ୱବୋଧ ଓ ସମନ୍ୱିତ ଆନୁଷ୍ଠାନିକ ବିକାଶ ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ହେବ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ଜନପ୍ରତିନିଧି, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଶାବ୍ୟକ୍ତ କରାଯାଇଛି ।

# ବାଲେଶ୍ୱର ଜିଲ୍ଲାରେ କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ଭିତିଭୂମିର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ବାଲେଶ୍ୱର,(ନ.ପ୍ର.) ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ଆଜି ବାଲେଶ୍ୱର ଜିଲ୍ଲା ପରିଦର୍ଶନରେ ଆସି କଲେକ୍ଟରେଟ୍ ସଭାଗୃହରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ବିଶେଷକରି କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି କ୍ଷେତ୍ରର ଭିତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ।ଏହି ସମୀକ୍ଷା ବୈଠକରେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ଶ୍ରୀଯୁକ୍ତ କାଳୀ ପ୍ରସନ୍ନ ମହାପାତ୍ର, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟାବଂଶୀ ମୟୁର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ,



ଆଂଚଳିକ ନିର୍ଦ୍ଦେଶକ, ଶିକ୍ଷା ବିଭାଗ ଶ୍ରୀଯୁକ୍ତ ହେମନ୍ତ କୁମାର ଘୋଡେଇ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ପ୍ରମୁଖ ମଂଚାସୀନ ଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ କଲେଜର ଭିତିଭୂମି ସୁଦୃଢ଼ୀକରଣ, ନୂତନ ଏକାଡେମିକ୍ ସୁବିଧା, କ୍ରୀଡ଼ା ଷ୍ଟାଡିୟମ୍, ଖେଳ ପଡ଼ିଆ, ଇନଡୋର ହଲ୍ ଓ ଯୁବ ବିକାଶ ସମ୍ବନ୍ଧୀୟ ପ୍ରକଳ୍ପ ସହ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ସଂସ୍କୃତି ଭିତିଭୂମିର ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

ମନ୍ତ୍ରୀ ଶ୍ରୀ ସୁରଜ ସମସ୍ତ ପ୍ରକଳ୍ପକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ସହ ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ ଜନସାଧାରଣଙ୍କୁ ଶୀଘ୍ର ସୁବିଧା ପହଂଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ବାଲେଶ୍ୱର ଜିଲ୍ଲାକୁ କ୍ରୀଡ଼ା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ମନ୍ତ୍ରୀ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଲୋକମାନଙ୍କ ଆଶା ଅନୁରୂପ ଫଳପ୍ରଦ କାର୍ଯ୍ୟ ସୁନିଶ୍ଚିତ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ପ୍ରଶାସର ଅନେକ ଅଧିକାରୀ ମାନଙ୍କ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କଲେଜର ପ୍ରିନ୍ସିପାଲ ମାନେ ଯୋଗ ଦେଇଥିଲେ ।

# ଜିଲ୍ଲାପାଳ, ଏସପି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପତ୍ରିପାଳ ସମବାୟ ସେବା ସମିତର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ମାମଲା

ବାଲେଶ୍ୱର,(ନ.ପ୍ର.) ରେମୁଣା ବ୍ଲକ ଅନ୍ତର୍ଗତ ପତ୍ରପାଳ ସେବା ସମବାୟ ମିତର କର୍ତ୍ତୃପଷ ଏମିତିକ ସଭାପତି ଓ ସମ୍ପାଦକ ବେଆଇନ ଭାବେ ଆର୍ଥିକ କାରବାର ଏବଂ ଦୁର୍ନୀତ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସମବାୟ ସମିତିର ସମ୍ପାଦକଙ୍କ ଉପରେ ରେମୁଣା ଥାନାରେ ମାମଲା ରୁଜୁ କରାଯିବା ପାଇଁ ବାଲେଶ୍ୱରର ଏସପି ନିର୍ଦ୍ଦେଶ ଦେବାପରେ ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ୧୪୪/୨୬ ଦଫା ୩୧୬(୫) ୩(୫) ବିଏନଏସ ଦଫାରେ ମାମଲା ରୁଜୁ କରାଯାଇଛି । ଖବରରରୁ ପ୍ରକାଶଯେ, ଉକ୍ତ ସେବା ସମବାୟ ସମିତିରେ ପୂର୍ବରୁ ସୁରଜ କୁମାର ଦାସ ନାମକ ଜଣେ ବ୍ୟକ୍ତି କାର୍ଯ୍ୟ କରିବା, ବେଆଇନ ଭାବେ ତାଙ୍କୁ ବାହାର କରିଦେବା, ତାଙ୍କ ନାମରେ ଜାଲ ଏକାଉଂଟ ପ୍ରସ୍ତୁତ କରି ସେ ସ୍ଥାନରେ ଅନ୍ୟ ଲୋକଙ୍କୁ ନିଯୁକ୍ତି ଦେଇ ସୁରଜ କୁମାରଙ୍କୁ ଅଣଦେଖା କରିବା ଘଟଣାରେ ସୁରଜ ବାଲେଶ୍ୱରର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୂଚନା ଦେଇଥିଲେ । ଯାହାଫଳରେ ଏବେ ଅଭିଯୋଗକାରୀ ରେମୁଣା କହଁରାଳି ହାତିଆଗଣ୍ଡ ଅଂଚଳର ସୁରଜ କୁମାର ଦାସ ପ୍ରଥମିକ ସ୍ୱରୂପ ଯଦିଓ ତାଙ୍କର ବକେୟା ଟଙ୍କା ପାଇନାହାଁନ୍ତି ତଥାପି ତାଙ୍କୁ ପ୍ରାଥମିକ ନ୍ୟାୟ ମିଳିଥିବା ଯୋଗୁଁ ସେ ଆଶ୍ୱସ୍ତି ଲାଭ କରିଛନ୍ତି ।

## ବାଲେଶ୍ୱରରେ ମଦ୍ୟପ ଗାଡ଼ିଚାଳକଙ୍କୁ ନେଇ 'ମନା'ର ଉଦ୍‌ବେଗ

ବାଲେଶ୍ୱର(ନି.ପ୍ର.): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଶୁକ୍ରବାର ଦିନ ଅପରାହ୍ନରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବାଲେଶ୍ୱରରେ ରାସ୍ତାରେ ଗାଡ଼ି ଚଳାଉଥିବା ମଦ୍ୟପ ଚାଳକଙ୍କ ସଂଖ୍ୟାବୃଦ୍ଧି ଏବଂ ସେମାନଙ୍କ ବେପରୁଆ ଗାଡ଼ି ଚାଳନା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଏହାଦ୍ୱାରା ରାସ୍ତାରେ ଯାତାୟତ କରୁଥିବା ଲୋକମାନଙ୍କ ଜୀବନ ବିପଦାପନ୍ନ ହେଉଥିବାରୁ ସଡ଼କ ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯା□ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ଦୁର୍ଘଟଣାକୁ କିଛିମାତ୍ରାରେ ରୋକା ଯାଇପାରିବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଉଚିତ ବୋଲି 'ମନା'ର ସଦସ୍ୟ ସଦସ୍ୟାମାନେ ମତବ୍ୟକ୍ତ କରିଥିଲେ । ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ତ୍ରିଦିବ ନାୟକ, ଗୀତାଞ୍ଜଳି ସିଂହ, ଶଚୀନ୍ଦ୍ର ଦାସ, କଲ୍ୟାଣୀ ନନ୍ଦ, ରମେଶ ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ମୀନା ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ବାଗ୍‌ଚୀ ଶ୍ରୀ ଶଙ୍କର କ୍ୟାନସର କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଦ୍ୱାରା କ୍ୟାନସର ଓ ମୂତ୍ରରୋଗ ସମ୍ବନ୍ଧୀୟ ପରୀକ୍ଷା ଓ ପରାମର୍ଶ

ବାଲେଶ୍ୱର,(ନ.ପ୍ର.): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ବାଗ୍‌ଚୀ ଶ୍ରୀଶଙ୍କର କ୍ୟାନସର କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମରେ ପରୀକ୍ଷା ଓ ପରାମର୍ଶ ହୋଇଯାଇଛି । ଏଥିରେ ସେହି ପ୍ରତିଷ୍ଠାନର ମୂତ୍ର ଓ କ୍ୟାନସର ବିଭାଗ ଡାକ୍ତର ରାହୁଳ ପ୍ରଧାନ ଏବଂ ପ୍ରିଭେ□ିଭ୍ କ୍ୟାନ୍‌ସର୍ ବିଭାଗ ଡାକ୍ତର ଶ୍ୱେତଲୀନା ଆଶ୍ ଯୋଗଦେଇ ରୋଗ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରାରମ୍ଭିକ ଅବସ୍ଥାରେ ରୋଗ କିପରି ଆକ୍ରମଣ କରେ ଓ ଫଳାଫଳ ସମ୍ବନ୍ଧରେ ସଚେତନ ରହିବା ଜରୁରୀ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିଲେ ଏବଂ ସାଧାରଣ ସମ୍ପାଦକ ଦାମୋଦର ନାୟକ ସ୍ୱାଗତ ଜଣାଇଥିଲେ । ସେହି ଅନୁଷ୍ଠାନର ବାଲେଶ୍ୱର ମାର୍କେଟିଂ ମ୍ୟାନେଜର ଆଶୀଷ କୁମାର ଗିରି ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ଉପସଭାପତି ସୁଦର୍ଶନ ଦାସ, ଦେବେନ୍ଦ୍ର ଚୌଧୁରୀ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଓ ସାବିତ୍ରୀ ଦାସ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ନାଥ ସାହୁ, ଗୌରପ୍ରିୟ ମିଶ୍ର, ଜ୍ୟୋତ୍ସ୍ନା ରାୟ, ରୀତା ରାୟ, ଗୀତାଞ୍ଜଳି ଶତପଥୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ହସ୍ପିଟାଲ୍‌ର ସେବିକା ଶୁଭଶ୍ରୀ ବାରିକ ବିଭିନ୍ନ ପରୀକ୍ଷାରେ ସହଯୋଗ କରିଥିଲେ ।






# ଗଣ୍ଡିବେଡ ହାଇସ୍କୁଲରେ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ଗୁରୁବାର ଦିନ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ୫ଶହ ନମ୍ବରରୁ ଉର୍ଦ୍ଧ ରଖି ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଅରୁଣ କୁମାର ପାଢୀ ପୌରହିତ୍ୟ କରିଥିଲେ । ପ୍ରଥମେ ଗଣ୍ଡିବେଡ ହାଇସ୍କୁଲର ଗୌରବ ତଥା ସର୍ବୋଚ୍ଚ ନମ୍ବର ଧାରୀ ଛାତ୍ରଛାତ୍ରୀ ଅନନ୍ୟା ମଲ୍ଲିକ, ଦୀପକ କୁମାର ବେହେରା, ମାନସୀ ଶିଅଳ ଓ ମୋନାଲିସା ପୋଥାଳଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ର ସଂସଦର ଉପଦେଷ୍ଟା ମଦନ ମୋହନ ମହଲା, ସମ୍ପାଦକ ଡଃ ଅଭୟ କୁମାର ମହାନ୍ତି, ପ୍ରଧାନଶିକ୍ଷୟତ୍ରୀ ବିନୋଦିନୀ ହାଁସଦା, ପଳାସପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଫଳ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏଭଳି ଶ୍ରେୟ ପାଇଁ କାର୍ଯରତ ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ସଂସଦର ଉପସଭାପତି ଅଭିମନ୍ୟୁ ରାଉଳ ମଂଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ମାନସ ରଞ୍ଜନ ରାଉଳ, ପଦ୍ମଲୋଚନ ଜେନା, ପଙ୍କଜ ବାରିକ, ଜିତେନ୍ଦ୍ର ଦାସ, ଗଗନ ବିହାରୀ ମହାନ୍ତି ଓ ମଧୁସୁଦନ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ




କଟକ(ନିପ୍ର): ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ଆଜି ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ଓ ମଣ୍ଡଳ ସମବାୟ ନିରୀକ୍ଷକ ରମେଶ ସ୍ୱାଇଁ ଓ ସଫଳ ମତ୍ସ୍ୟ ଉଦ୍ୟୋଗୀ ସୌରଭ ବିଶ୍ୱାଳ ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଉପ-ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ସରକାରୀ ମାଛଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ପ୍ରତି ବର୍ଷ ରେ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଜୀବୀ ଦିବସ ରୂପେ ପାଳନ କରାଯାଉଛି । ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଜୀବୀ/ ମତ୍ସ୍ୟଚାଷୀ / ମତ୍ସ୍ୟ ଉଦ୍ୟୋଗୀ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନକୁ ସ୍ମରଣ କରିବା ସହ ଆଧୁନିକ ଜ୍ଞାନ କୌଶଳର ପ୍ରସାର ଓ ପରିବେଶକୁ ସୁରକ୍ଷିତ ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ମତ୍ସ୍ୟଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏଥିସହ ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟଚାଷୀ ଓ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ସଞ୍ଜନା ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟ କାର୍ଯ୍ୟାଳୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାୟିକାଙ୍କ ଦ୍ୱାରା ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ସାଇକେଲ ବଂଟନ



ବାଲେଶ୍ୱର / ବାଲିଆପାଳ(ନିପ୍ର): ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଦୁଇବର୍ଷ ପୂର୍ତି ଅବସର ରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଏଗାରଟା ସମୟରେ ଶ୍ରୀମତୀ ଜେନାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ବିଧାୟିକାଙ୍କ ଦୁଇବର୍ଷ ପୂର୍ତି ଉତ୍ସବ ଅନୁଷ୍ଠିତ ହୋଇଯାଉଛି । ଏହି ଅବସରେ ବିଧାୟୀକା ଶ୍ରୀମତି ଜେନାଙ୍କ ହାତ ପାଣ୍ଠିରୁ ଭିନ୍ନକ୍ଷମ ମାନଙ୍କୁ ୪୨ ଟି ତିନିଚକିଆ ବ୍ୟାଟେରୀ ଚାଳିତ ସାଇକେଲ ବଂଟନ କରାଯାଇଛି । ବିଧାୟିକା ଦୁଇବର୍ଷ ମଧ୍ୟରେ ବସ୍ତା ବାଲିଆପାଳର ସର୍ବାଙ୍ଗିନ ବିକାଶ ଦିଗରେ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ରିପୋର୍ଟ କାର୍ଡ ମାଧ୍ୟମରେ ଜନସାଧାରଣଙ୍କୁ ଜଣେଇବାକୁ ଚେଷ୍ଟା କରିଛନ୍ତି । ବସ୍ତା ବାଲିଆପାଳ ମୁଖ୍ୟ ରାସ୍ତାର ଉନ୍ନତି କରଣ ପାଇଁ ୧୮କୋଟି ୪୮ଲକ୍ଷ,ଜଳକା ନଦୀର ପୁନରୁଦ୍ଧାର ପାଇଁ ୧୦କୋଟି, ଲଙ୍ଗଳେଶ୍ୱର ଡଗରା ଭାୟା ଜମ୍ବିରାଇ ନୂଆଗାଁ ରାସ୍ତାର ଉନ୍ନତି ଏବଂ ପ୍ରଶସ୍ତିକରଣ ପାଇଁ ୬୦କୋଟି ଟଙ୍କା ପ୍ରକଳ୍ପ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ସହିତ ବାଲିଆପାଳର ବନ୍ଦ ପଡ଼ିଥିବା ଶ୍ରୀ ଗୋପୀନାଥ ସୂତା କଳର ପୁନରୁଦ୍ଧାର ସହିତ ବୋଙ୍ଗ ଠାରେ ଏକ ଇଣ୍ଡଷ୍ଟ୍ରିଆଲ ହବ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ପ୍ରଦାନ, ଲଙ୍ଗଳେଶ୍ୱର ମହାଦେବ ମନ୍ଦିରର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୫କୋଟି ଟଙ୍କା ଅନୁଦାନ ଦେଇଥିବା କଥା ଶ୍ରୀମତୀ ଜେନା କହିଛନ୍ତି । ତେବେ ବସ୍ତା ବାଲିଆପାଳର ସର୍ବାଙ୍ଗିନ ବିକାଶ ପାଇଁ କିଛି ରାଜନୈତିକ ନିଷ୍ପତି ତାଙ୍କୁ ନେବାକୁ ପଡିଛି ବୋଲି ଏହି ଅବସରରେ ଶ୍ରୀମତୀ ଜେନା କହିଛନ୍ତି ।ଏହି ଅବସରରେ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଉପସ୍ଥିତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ସହିତ ବସ୍ତା ବାଲିଆପାଳର ବିକାଶ ହିଁ ତାଙ୍କର ଏକମାତ୍ର ସ୍ୱପ୍ନ ବୋଲି କହିଥିଲେ । ବିଧାୟିକା ଶ୍ରୀମତୀ ଜେନାଙ୍କ ପରିବାରର ଏକାନ୍ତ ଅନୁଗତ ଅନିଲ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ପଂଚାୟତ ସମିତିର ଅଧକ୍ଷା ଅଞ୍ଜଳି ଦାସ, ସଦର ପଂଚାୟତ ସମିତି ଅଧକ୍ଷା ସୁନିତା ବେହେରା, ବାଲେଶ୍ୱର ପୌରପାଳିକାର ପୂର୍ବତନ ଅଧକ୍ଷ ଆଲୋକ ସାହୁ । ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଗୋବିନ୍ଦ ପ୍ରସାଦ ଦାସ, ମହେଶ୍ୱର ଜେନା, ଅଜୟ ସାମଲ, ପ୍ରଦୀପ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ସୁବ୍ରତ ପଣ୍ଡା, ଦେବ କୁମାର ଦେ, ଅଶ୍ୱିନୀ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ନେତା ରଞ୍ଜନ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବସ୍ତା ବ୍ଲକରୁ ୧୧ ବାଲିଆପାଳ ବ୍ଲକରୁ ୩୧ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ ବଂଟନ କରାଯାଉ ଥିଲା ଏହି ପୂର୍ତି ଉତ୍ସବରେ ବସ୍ତା ଏବଂ ବାଲିଆପାଳ ବ୍ଲକର ବିଭିନ୍ନ ପଂଚାୟତରୁ ହଜାର ହଜାର ଶୁଭେଚ୍ଛୁ ଓ ସମର୍ଥନ ଯୋଗଦେଇ ଥିଲେ ।

# କଣ୍ଡିଆ ନଦୀରେ ବୁଡ଼ି ୫ବର୍ଷୀୟ ଶିଶୁର ମୃତ୍ୟୁ

ଧାମନଗର(ନିପ୍ର): ଧାମନଗର ବ୍ଲକ ଭଟସାହି ପଂଚାୟତ ଅନ୍ତର୍ଗତ ବାମଦେବପୁର ଗ୍ରାମର ବସାସାହିରେ ଆଜି ଏକ ଅଭାବନୀୟ ଓ ମର୍ମନ୍ତୁଦ ଘଟଣା ଘଟିଯାଇଛି । ନଦୀ ଗାଧୁଆ ତୁଠରେ ଗୋଡ଼ ଖସିଯିବାରୁ ୫ ବର୍ଷୀୟ ଶିଶୁ ପୁତ୍ର ରୋହନ ପଣ୍ଡାଙ୍କର ମୃତ୍ୟୁ ଘଟିଛି । ରୋହନ ସ୍ଥାନୀୟ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଶିଶୁଟି ସକାଳ ପ୍ରାୟ ୯ଟା ସମୟରେ ଘର ନିକଟସ୍ଥ କଣ୍ଡିଆ ନଦୀକୁ ଚାଲିଯାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ରୋହନ ଘରକୁ ନ ଫେରିବାରୁ ପରିବାରବର୍ଗ ଓ ଗ୍ରାମବାସୀ ବ୍ୟସ୍ତ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ । ଶେଷରେ ଦିନ ପ୍ରାୟ ୧ଟା ସମୟରେ ନଦୀରୁ ଶିଶୁଟିର ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ଧୁଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଖବର ପାଇ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ ନାୟକ, ଡାକ୍ତର ସଞ୍ଜୟ ଦାସ, ସରପଂଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଂଚ ଦୟାନିଧି ମିଶ୍ର, ଯୁବ ନେତା ଶେଷଦେବ ମିଶ୍ର, ବିଶ୍ୱଜିତ୍ ସାହୁ, ଉମାକାନ୍ତ ସାହୁ, ଅମୂଲ୍ୟ ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।


**ରେଳ ମନ୍ତ୍ରଣାଳୟ**
**(ଦକ୍ଷିଣ ପୂର୍ବ ରେଳବାଇ)**
**(ରେଳ ସୁରକ୍ଷା ପ୍ରକଳ୍ପ ବିଭାଗ)**
**ବିଜ୍ଞପ୍ତି**
**କୋଲକାତା, ୬ ମଇ, ୨୦୨୬**

ଏସ୍.ଓ. ୨୨୪୮(ଇ)-ରେଳ ଆଇନ ୧୯୮୯ର ଧାରା ୨ର ଧାରା (୭କ) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ନିମ୍ନଲିଖିତ ଟେବୁଲର ସ୍ତମ୍ଭ (୨) ରେ ଉଲ୍ଲେଖିତ ଅଧିକାରୀମାନଙ୍କୁ ଟେବୁଲର ସ୍ତମ୍ଭ (୪) ରେ ଉଲ୍ଲେଖିତ ରେଳ ପ୍ରକଳ୍ପ (ସ୍ୱତନ୍ତ୍ର ରେଳ ପ୍ରକଳ୍ପ) ସମ୍ପର୍କରେ କ୍ଷମତାପ୍ରାପ୍ତ ପ୍ରାଧିକରଣର କାର୍ଯ୍ୟ ସମ୍ପାଦନ କରିବାକୁ, ଉକ୍ତ ଟେବୁଲର ସ୍ତମ୍ଭ (୩) ରେ ଉଲ୍ଲେଖିତ ରାଜ୍ୟରେ କାର୍ଯ୍ୟାନ୍ୱୟନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ କ୍ଷମତାପ୍ରାପ୍ତ ପ୍ରାଧିକରଣକୁ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ପ୍ରଭାବଶାଳୀ କରିବାକୁ ଅନୁମତି ପ୍ରଦାନ କରୁଛନ୍ତି ।

**ସାରଣୀ**

| କ୍ର.ନଂ. | ସକ୍ଷମ ପ୍ରାଧିକରଣ | ରାଜ୍ୟ | ରେଳ ପ୍ରକଳ୍ପର ନାମ । |
|---|---|---|---|
| (୧) | (୨) | (୩) | (୪) |
| ୧ | ତହସିଲଦାର, ବସ୍ତା | ଓଡ଼ିଶା | ଓଡିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାର ରେଳ ଷ୍ଟେସନ ଅମର୍ଦ୍ଦା ରୋଡ ବସ୍ତା ମଧ୍ୟରେ ଲେଭଲ କ୍ରସିଂ ନମ୍ବର ୫୭ ବଦଳରେ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |
| ୨ | ତହସିଲଦାର, ବସ୍ତା | ଓଡ଼ିଶା | ଓଡିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାର ରେଳ ଷ୍ଟେସନ ବସ୍ତା - ରୂପସା ମଧ୍ୟରେ ଲେଭଲ କ୍ରସିଂ ନମ୍ବର ୬୭ ବଦଳରେ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |
| ୩ | ତହସିଲଦାର, ବାଲେଶ୍ୱର | ଓଡ଼ିଶା | ଓଡିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାର ହଳଦୀପାରା ବାଲେଶ୍ୱର ରେଳ ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନମ୍ବର ୭୮ ବଦଳରେ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |
| ୪ | ତହସିଲଦାର, ବାହାନଗା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାର ଖନ୍ତାପଡ଼ା ରେଳ ୟାର୍ଡରେ ଲେଭଲ୍ କ୍ରସିଂ ନମ୍ବର ୮୯ ବଦଳରେ ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |
| ୫ | ମୟୂରଭଞ୍ଜର ଭୂମି ଅଧିଗ୍ରହଣ ଅଧିକାରୀ | ଓଡ଼ିଶା | ଓଡ଼ିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ବେତନଟି ଭଞ୍ଜପୁର ରେଳ ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ନମ୍ବର ଆରବି-୩୯ ବଦଳରେ ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |

**(ଏଫ୍. ନଂ. ଏସ୍ଇଆର/କୋନ୍/ଆରଏସ୍ପି/ଏଚ୍କ୍ୟୁ/ଆରଓବି/ଏଲ୍ଏ/ଓଡି/୩)**
**ଅନିଲ୍ କୁମାର, ମୁଖ୍ୟ ପ୍ରଶାସନ ଅଧିକାରୀ (କୋନ)/ଆରଏସ୍ପି**

ଏସ୍.ଓ....(ଇ) । ରେଳବାଇ ଆଇନ, ୧୯୮୯ର ଧାରା ୨ର ଧାରା (୭କ) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏତଦ୍ୱାରା ନିମ୍ନଲିଖିତ ସାରଣୀର ସ୍ତମ୍ଭ (୨) ରେ ଉଲ୍ଲେଖିତ ଅଧିକାରୀମାନଙ୍କୁ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ରାଜ୍ୟରେ କାର୍ଯ୍ୟାନ୍ୱୟନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ, ସାରଣୀର ସ୍ତମ୍ଭ (୪) ରେ ଉଲ୍ଲେଖିତ ରେଳ ପ୍ରକଳ୍ପ (ସ୍ୱତନ୍ତ୍ର ରେଳ ପ୍ରକଳ୍ପ) ସମ୍ପର୍କରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ କ୍ଷମତା ପ୍ରଦାନ କରୁଛନ୍ତି ।

| କ୍ର.ନଂ. | ସକ୍ଷମ କର୍ତ୍ତୃପକ୍ଷ | ରାଜ୍ୟ | ରେଳ ପ୍ରକଳ୍ପର ନାମ । |
|---|---|---|---|
| ୧ | ରସଗୋବିନ୍ଦପୁରର ତହସିଲଦାର | ଓଡ଼ିଶା | ଓଡିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ଅମର୍ଦ୍ଦା ରୋଡ୍ ବସ୍ତା ରେଳ ଷ୍ଟେସନ ମଧ୍ୟରେ ଲେଭଲ୍ କ୍ରସିଂ ନମ୍ବର ୬୦ (ମୟୂରଭଞ୍ଜ ଜିଲ୍ଲା ଅଂଶ) ବଦଳରେ ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ । |

**(ଏଫ୍. ନଂ. ଏସ୍ଇଆର/କୋନ୍/ଆରଏସ୍ପି/ଏଚ୍କ୍ୟୁ/ଆରଓବି/ଏଲ୍ଏ/ଏସ୍ଆରପି/୪)**
(PR-456) **ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (କୋନ)/ଆରଏସ୍ପି**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*



No. 19001/142/2627

**PANCHAYAT SAMITI, SARASKANA**
**TENDER CALL NOTICE**

BDO, Saraskana invites sealed tender on behalf of Govt. of Odisha for the following works in conformity with the DTCN.

BID Identification No. 1/2026-27/BDO,SARASKANA

Name of the work:

1. Construction of Additional Office Building at Block Premises.
2. Construction of Additional Class Room (ACR) of Ambadiha Primary School under Joka GP
3. Construction of Additional Class Room (ACR) of Bagbuda Upper Primary School under Bagbuda GP

Date of Receipt of Tender : 13.07.2026, 10.00 A.M to 28.07.2026, 5.00 PM via Drop Box at Block Office.
Date of Opening of Tender : 29.07.2026, 11.00 A.M in the Conference Hall of BDO, Saraskana.
Terms and Conditions : Details of the Tender Call Notice can be downloaded from the official website of the district (www.mayurbhanj.nic.in) from 10.07.2026, 10.00 A.M to 28.07.2026, 5.00 PM. All the terms and conditions can be seen from the above website.

Sd/-
Block Development Officer
Saraskana

OIPR. 19001/19352/1/26-27/0001



No. 13001/1144/2627

**OFFICE OF THE BALESHWAR MUNICIPALITY, BALESHWAR**
**No. 4842 Date 07.07.2026**
**E-Procurement Notice**
**BID Identification No. BM_10_2026_27**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | |
|---|---|---|
| 1. | Name of the Work | : Civil works as mentioned in DTCN |
| 2. | No. of works | : 4 Nos. |
| 3. | Estimated Cost | : As per Work List |
| 4. | Period of Completion | : As per DTCN |
| 5. | Date and Time of Bidding | : 09-07-2026 to 03-08-2026 |
| 6. | Last date and time for receipt | : 03-08-2026 up to 5.00 pm |
| 7. | Bids received online shall be opened on | : 04-08-2026 from 11.00 am onwards |
| 8. | Name and address of the Officer Inviting Bid | : Executive Officer, Baleshwar Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd/-
Executive Officer
Baleshwar Municipality

OIPR. 13001/13154/1/26-27/0021



No. 32001/520/2627

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
***"e"-PROCUREMENT NOTICE***
**BID IDENTIFICATION No: 03 MID (JSP/2026-27)**

| | | |
|---|---|---|
| 1. | Name of the Inviting Officer:- | Superintending Engineer, Minor Irrigation Division, Jashipur |
| 2. | Name of the Work:- | Constn of Check Dams in Karanjia Block & Impt to MIPs under Impt. to Diversion Weir |
| 3. | No. of Works:- | 05 (five) Nos. |
| 4. | Tender Amount Varies From:- | Rs.52.40 to Rs.77.42 lakhs |
| 5. | Date and Time of Availability of BID Document in the Portal for online Bidding from: - | Dt.13.07.2026 10.00hrs to Dt.22.07.2026 17.00hrs |
| 6. | Last Date and Time of receipt of Bids in the Portal:- | Dt.22.07.2026 upto 17.00hrs |
| 7. | Last Date and Time for clarification up to: - | Dt.22.07.2026 upto 17.00hrs |
| 8. | Date of opening of Bid: - | Dt.23.07.2026 at 11.00hrs onwards |

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the : http://tenderorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd/-
Superintending Engineer
M.I. Division, Jashipur

OIPR. 32001/32282/1/26-27/0003



**AFFIDAVIT**

By virtue of an affidavit sworn before Executive Magistrate, Simulia, Balasore dated 10.07.2026, I, Barsharani Das, W/o- Rabindra Das, At-Kupura, Po/Ps- Simulia, Dist- Balasore - 756126 declare that I have changed my minor son's name from Rishiranjan Das to Rashmiranjan Das. Henceforth, he shall be known as Rashmiranjan Das for all purposes.

Sd/-
Barsharani Das



**AFFIDAVIT**

By virtue of an affidavit sworn before Executive Magistrate, Simulia, Balasore dated 10.07.2026, I, Arati Das, W/o- Agani Das, At- Kupura, Po/ Ps- Simulia, Dist- Balasore - 756126 declare that I have changed my minor daughter's name from Lispita Das to Lipsita Das. Henceforth, she shall be known as Lipsita Das for all purposes.

Sd/-
Arati Das











ଅନ୍ୟର ମଙ୍ଗଳ କରିବାର ସୁଯୋଗ ଯେ ପାଇଛି ତାକୁ ପ୍ରକୃତ ଅର୍ଥରେ ଭାଗ୍ୟବାନ କହିବ ।

# ଆଜିକାଲି



ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ । ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା

ସାଇବର ଆର୍ଥିକ ଠକେଇ ଘଟଣା ବଢୁଥିବାରୁ ଅଭିଯୋଗ ପଞ୍ଜୀକରଣକୁ ଅଧିକ ଦ୍ରୁତ, ସରଳ ଓ ପ୍ରଭାବଶାଳୀ କରିବା ସହ ଠକେଇ ହୋଇଥିବା ଅର୍ଥ ଉଦ୍ଧାରର ସମ୍ଭାବନା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହା ନାଗରିକଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ ୧୯୩୦କୁ ସିସିଟିଏନଏସ ସହ ସମନ୍ୱୟ କରିଛି । ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନଏସ ରେ ସ୍ୱୟଂଚାଳିତ ଭାବେ ଇ-ଜିରୋ ଏଫଆଇଆର ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ । ପ୍ରାଥମିକ ଯାଂଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବେ । ପ୍ରୟୋଜନ ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫ୍ଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ । ଏହି ବ୍ୟବସ୍ଥା ମାଧ୍ୟମରେ ମାମଲା ପଞ୍ଜୀକରଣ ଓ ସୂଚନା ଆଦାନ-ପ୍ରଦାନ ଅଧିକ ଦ୍ରୁତ ଏବଂ ସୁବ୍ୟବସ୍ଥିତ ହେବ । ଅଭିଯୋଗକାରୀମାନେ ମଧ୍ୟ ନିଜ ମାମଲାର ଅଗ୍ରଗତି ସମ୍ପର୍କରେ ସହଜରେ ସୂଚନା ପାଇପାରିବେ । ଏହି ଅବସରରେ ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ, "ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର କରି ନାଗରିକଙ୍କୁ ତ୍ୱରିତ, ସ୍ୱଚ୍ଛ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ କରିବାକୁ ଓଡ଼ିଶା ପୋଲିସ ପ୍ରତିବଦ୍ଧ । ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଥିଲେ ଯେ, ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କରନ୍ତୁ । ଶୀଘ୍ର ଅଭିଯୋଗ କଲେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବଢ଼ିବ । 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥା ଓଡ଼ିଶା ପୋଲିସର ପ୍ରଯୁକ୍ତିନିର୍ଭର, ଆଧୁନିକ ଓ ଦକ୍ଷ ପୋଲିସିଂ ବ୍ୟବସ୍ଥା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ସାଇବର ଅପରାଧର ମୁକାବିଲା ସହ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନରେ ସହାୟକ ହେବ ।

## ମନ

◆ ହରେକୃଷ୍ଣ ଶତପଥୀ

ପଂଚମହାଭୂତରେ ଗଢ଼ା ଏ ଶରୀର
ମନ ତା'ର ମହାମେରୁ ଅଚଳ ଶକ୍ତିର
ଚରୈବେତି ଚରୈବେତି ମହାମନ୍ତ୍ର ଧରି
ଲଙ୍ଘିଯାଏ ସେ ଏହି ଭବପାରାବାର ।।୧।।
ଅଛି ବାତ୍ୟାଳ ଝଡ଼ବର୍ଷା, ଖରା ଆଉ ଶୀତ
ଦେବତା ହେଲେ ବି ମୃତ୍ୟୁ ଅଟେ ସୁନିଶ୍ଚିତ
ଦୀପଜଳି ଅନ୍ଧାରକୁ କରେ ଆଲୋକିତ
ନିଜ ତଳ ଅନ୍ଧାର ପାଇଁ ନୁହେଁ ସେ ଚିନ୍ତିତ ।।୨।।
ଫେରିବା ବାଟକୁ କେବେ ସେ ଚାହେଁନି
ବର୍ଷ, ମାସ, ଦିନ, ଦଣ୍ଡ କେବେ ସେ ଗଣେନି,
ସଂସାର ପଥରେ ଚାଲୁଚାଲୁ କେବେ ସେ ଥକେନି
ମାନବ ମାଧବ ମଧ୍ୟରେ ତୁଳନା ସେ କରେ ନି ।।୩।।
ଦେଖେନି ସେ ସ୍ୱପ୍ନ ଆଖିବୁଜି ଦେଇ
ବାସ୍ତବ ଯାହା ସେ ମନେ ବିଚାରଇ
ସାକାର କରିବାକୁ ଦୃଢ଼ ଇଚ୍ଛାବଳେ
ପୂରଣ କରେ ତାହା କଳେ, ବଳେ, ଅବା କଉଶଳେ ।।୪।।
ଗାତସ୍ୟ ହି ଧ୍ରୁବ, ମୃତ୍ୟୁ ଅଟେ ମହାମନ୍ତ୍ର
ସ୍ୱାଗତ କରେ ନାହିଁ ତାକୁ ଜାଳି ଧୂପ ଓ ଦୀପ
ପଂଚେନ୍ଦ୍ରିୟ ଶରୀରରେ ଚତୁର୍ବର୍ଗ ଫଳ ଆଶା ନ କରିବା
ନିଷ୍କାମ କର୍ମ କରିଯାଏ ଏ ଧରା ବକ୍ଷେଣ ।।୫।।

*ଏଡ଼ଭୋକେଟ, ମହମଦପୁର, ପୁରୁଣାବାଲେଶ୍ୱର, ବାଲେଶ୍ୱର*

# ବିଶ୍ୱ ଜନସଂଖ୍ୟା ଦିବସ

## ଜନସଂଖ୍ୟା ବୃଦ୍ଧି ସମସ୍ୟା ଦେଶ ଆଗରେ ବଡ଼ ଆହ୍ୱାନ

◆ ଡ଼ଃ ଅରୁନ୍ଧତୀ ଦେବୀ

ବିଶ୍ୱ ଜନସଂଖ୍ୟା ବିଷୟ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ପାଳନ କରାଯାଏ ବିଶ୍ୱ ଜନସଂଖ୍ୟା ଦିବସ । ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମର ସଂଚାଳନା ପରିଷଦ ଦ୍ୱାରା ୧୯୮୯ ମସିହାରେ ଏହା ସ୍ଥାପନା କରାଯାଇଥିଲା । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ସନ୍ତୁଳିତ କରିବା । ଜନସଂଖ୍ୟା ଦେଶ ପାଇଁ ଉଭୟ ବିପଦ ଓ ସମ୍ପଦର କାମ କରିଥାଏ । ଜନସଂଖ୍ୟା ଅଧିକ ରହିଲେ କାମ କରିବାକୁ ଅଧିକ ଲୋକ ମିଳିବେ । ପୁଣି ଅଧିକ ଲୋକ ରହିଲେ ରହିବା ପାଇଁ ସ୍ଥାନର ଅଭାବ ସାଙ୍ଗକୁ ଖାଦ୍ୟପେୟର ଅଭାବ ମଧ୍ୟ ଦେଖାଦେବ । କିଭଳି ଭାବେ ଜନସଂଖ୍ୟାର ଭାରସାମ୍ୟକୁ ବଜାୟ ରଖାଯାଇପାରିବ, ଯେପରିକି ପ୍ରାକୃତିକ ସମ୍ପଦ ସୁବିନିଯୋଗ ହୋଇପାରିବ ଓ ଜନ ସମ୍ପଦର ସୁପରିଚାଳନା ହୋଇ ପାରିବ । ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୭ଶହ କୋଟି ପାର କରିଛି । ଏକ ବିକାଶଶୀଳ ଦେଶ ଭାବରେ ଏହି କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା କେବଳ ଭାରତର ଅର୍ଥନୀତି ଉପରେ ବୋଝ ହୋଇ ନାହିଁ, ଏହା ଦେଶକୁ ସବୁଠୁ ବଡ଼ ଗରିବ ଲୋକଙ୍କ ଦେଶ ଭାବରେ ପରିଚିତ କରିଛି । ଜନ୍ମ ନିୟନ୍ତ୍ରଣ ପାଇଁ ସଚେତନତା ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ କମାଇଛି, ମାତ୍ର ଏହା ଯଥେଷ୍ଟ ନୁହେଁ । ୧୯୯୦ରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୧୬ କୋଟି ୩୦ଲକ୍ଷ ହୋଇଥିବାବେଳେ, ଏବେ ଏହା ୧୩ କୋଟି ୪୦ ଲକ୍ଷରେ ପହଂଚିଛି । ମୃତ୍ୟୁହାର ଏବେ ବାର୍ଷିକ ୫କୋଟି ୭୦ ଲକ୍ଷରେ ସ୍ଥିର ରହିଛି । ତାହା ହେଲେ ଅଙ୍ଗାରକାମ୍ଳ ଘନତ୍ୱବୃଦ୍ଧି, ବିଶ୍ୱତାପମାନ ବୃଦ୍ଧି ଏବଂ ଖାଦ୍ୟ, ଜଳ ଓ ଶକ୍ତି ସଙ୍କଟ । ଜଣେ ଲୋକ ହାରାହାରି ଦିନକୁ ୨୦ କିଲୋ ଅଙ୍ଗାରକାମ୍ଳ ଛାଡ଼ିବା ହିସାବରେ ବିଶ୍ୱବାସୀ ପ୍ରତିଦିନ ୯୦ ହଜାର କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଗଚ୍ଛିତ ରଖୁଛନ୍ତି । ୧୯୫୦-୫୧ରେ ଆମ ଦେଶର ଯାନବାହାନ ସଂଖ୍ୟା ଥିଲା ୩ଲକ୍ଷ ୬ ହଜାର । ୨୦୧୦ ସୁଦ୍ଧା ପେଟ୍ରୋଲ, ଡିଜେଲ ଓ ଗ୍ୟାସରେ ଚାଲୁଥିବା ଏସବୁ ଯାନବାହାନ ସଂଖ୍ୟା ୧୦ କୋଟିରେ ପହଂଚିଥିଲା । ଏମାନେ କେତେ ପରିମାଣରେ ପ୍ରଦୂଷଣ କରୁଛନ୍ତି ତାହା ଅକଳ୍ପନୀୟ । ୧୯୮୭




ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଯେତେବେଳେ ୫୦୦ କୋଟି ଛୁଇଁଲା, ସେତେବେଳେ ବିଭିନ୍ନ ଦେଶର ଚିନ୍ତାନାୟକ ଓ ନେତୃବର୍ଗ ଜନସଂଖ୍ୟାର ସଙ୍କଟ ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପାଂଚ ବିଲିଅନ ଦିବସ ଭାବେ ପାଳନ କଲେ । ୨୦୩୦ ବେଳକୁ ଏହା ୮ଶହ କୋଟିରେ ପହଂଚିବ ବୋଲି ଅନୁମାନ କରାଯାଉଛି । ବର୍ଦ୍ଧିତ ଜନସଂଖ୍ୟା ଏବେ ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇ ଉଭା ହୋଇଛି । ଏହା ଦ୍ୱାରା ଗୋଟିଏ ପଟେ ପରିବେଶ ପ୍ରଦୂଷଣ ହେଉଥିବା ବେଳେ ଅନ୍ୟ ପକ୍ଷେ ବେକାରୀ, ଦାରିଦ୍ର୍ୟ, କୁପୋଷଣ ଭଳି ସମସ୍ୟା ମଧ୍ୟ ଉପୁଜୁଛି । ଜନସଂଖ୍ୟା ନିୟନ୍ତ୍ରିତ କରିବାକୁ ପ୍ରତ୍ୟେକ ଦେଶ ନିଜ ନିଜ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନାମାନ ହାତକୁ ନେଉଛନ୍ତି । ସମଗ୍ର ବିଶ୍ୱରେ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେଉଛି ଚୀନ । ଦ୍ୱିତୀୟ ସ୍ଥାନରେ ରହିଛି ଭାରତ । ଗବେଷକମାନେ କହନ୍ତି, ଏହାକୁ ରୋକା ନଗଲେ ଆଗାମୀ କିଛି ଦଶକ ମଧ୍ୟରେ ଜନସଂଖ୍ୟା ଦୃଷ୍ଟିରୁ ଭାରତ ସମଗ୍ର ବିଶ୍ୱରେ ପ୍ରଥମ ସ୍ଥାନରେ ପହଂଚିବ । ବର୍ତ୍ତମାନ ସମଗ୍ର ଦେଶରେ ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ଏକ ମସ୍ତବଡ଼ ଚାଲେଞ୍ଜ ରୂପେ ଦେଖାଦେଇଛି । ବାସ୍ତବ କ୍ଷେତ୍ରରେ ଏହା ଆଉ ଏକ ସମସ୍ୟା ହୋଇରହିନାହିଁ, ଦେଶକୁ ବିସ୍ଫୋରଣ ସ୍ଥିତି ଆଡ଼କୁ ଟାଣି ନେଇଛି । କାରଣ ଯେପରି ଦ୍ରୁତଗତିରେ ଜନସଂଖ୍ୟା ହାର ବଢ଼ିଚାଲିଛି, ସେଥିରେ ଆଗାମୀ କିଛି ବର୍ଷ ମଧ୍ୟରେ ସ୍ଥାନାଭାବ, ଖାଦ୍ୟାଭାବ, ବେକାରୀ ବୃଦ୍ଧି ଆଦି ସଂକଟ ଯେ ଦେଶକୁ କବଳିତ କରିବ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଆମ ଦେଶରେ ଯେତେସବୁ ବିଭ୍ରାଟ ଓ ବିଲକ୍ଷଣ ଦେଖାଯାଉଛି, ତାର ମୂଳ କାରଣ ହେଉଛି ବିସ୍ଫୋରଣମୁଖୀ ଜନସଂଖ୍ୟା ବୃଦ୍ଧି । ଏହା ଦେଶର କର୍ମବର୍ଦ୍ଧିଷ୍ଣୁ ଦାରିଦ୍ର୍ୟର ମୁଖ୍ୟ କାରଣ ହୋଇଥିବାବେଳେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ବିଫଳ ହେବାର ମଧ୍ୟ ଅନ୍ୟତମ କାରଣ ବୋଲି ବିଚାର କରାଯାଉଛି । ଏହି କାରଣରୁ ପ୍ରଶାସନ ତଳସ୍ତରରେ ଥିବା ସମସ୍ତ ଲୋକଙ୍କ ପାଖରେ ପହଂଚି ପାରୁନାହିଁ ଏବଂ ଜନସଂଖ୍ୟାର ଏକ ବିଶାଳ ଭାଗ ପ୍ରଶାସନ ଠାରୁ ଅପହ□ ଦୂରତ୍ୱରେ ରହୁଛନ୍ତି । ସାଧାରଣ ବ□ନ ବ୍ୟବସ୍ଥା ସମାନୁପାତିକ ହୋଇ ପାରୁନାହିଁ । ଆମ ଦେଶର କେବଳ ଗୋଟିଏ ରାଜ୍ୟ ଉତର ପ୍ରଦେଶର ଜନସଂଖ୍ୟା ପୃଥିବୀର ପଂଚମ ଜନବହୁଳ ଦେଶ ବ୍ରାଜିଲ ଠାରୁ ମଧ୍ୟ ଅଧିକ ଏହି ତଥ୍ୟ କେହି ବିଶ୍ୱାସ କରିପାରିବେ ନାହିଁ । ଭାରତରେ ଜନସଂଖ୍ୟା ଏଭଳି ଦ୍ରୁତଗତିରେ ବଢ଼ିବାର କାରଣ ନେଇ ଏବେ ବୈଜ୍ଞାନିକ ଓ ସମାଜବିଜ୍ଞାନୀମାନେ ଗବେଷଣା ଚଳାଇଛନ୍ତି । ସେମାନଙ୍କ ମତରେ କମ୍ ବୟସରେ ବିବାହ ଆମ ଦେଶରେ ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାରଣ । ଯେହେତୁ ଭାରତରେ କେବଳ ବିବାହ ପରେ ହିଁ ସନ୍ତାନ ଜନ୍ମକୁ ସମାଜ ସ୍ୱୀକୃତି ଦେଇଛି, ତେବେ ବିବାହର ବୟସ ସୀମା ଉପରେ ଦୃଷ୍ଟି ରଖିଲେ, ଏହି ସମସ୍ୟାର ଆଂଶିକ ସମାଧାନ ହୋଇପାରିବ । ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଦେଶର କେତେକ ଅଂଚଳରେ ୧୮ବର୍ଷରୁ କମ୍ ବୟସର ଝିଅମାନେ ବିବାହ କରୁଛନ୍ତି । ଏମାନଙ୍କ ସଂଖ୍ୟା ପ୍ରାପ୍ତ ପନ୍ଦର ପ୍ରତିଶତ ହୋଇଥିବାବେଳେ ସେହି ସବୁ ଅଂଚଳରେ ଅଧିକ ସନ୍ତାନ ଜନ୍ମ ହେଉଥିବାର ଦେଖାଯାଉଛି । ଯଦିଓ ବାର୍ଷିକ ଶିଶୁ ଜନ୍ମହାର ବିଗତ ବର୍ଷ ଗୁଡ଼ିକ ତୁଳନାରେ କ୍ରମାଗତ ହ୍ରାସ ପାଉଛି, ତଥାପି ତାହା ପର୍ଯ୍ୟାପ୍ତ ନୁହେଁ । ଏ କ୍ଷେତ୍ରରେ ଆହୁରି ସଂଯମତା ଓ ସତର୍କତା ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି । ଚାଷଜମି ପରିମାଣ କମିଯିବା ଫଳରେ ଖାଦ୍ୟ ଉତ୍ପାଦନ ହ୍ରାସ ପାଉଛି, ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି, ବାସଗୃହ କରିବାକୁ ସ୍ଥାନ ନାହିଁ । ଏଭଳି କ୍ଷେତ୍ରରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଲେ କି ଭୟଙ୍କର ସ୍ଥିତି ଉପୁଜିବ, ତାହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ । ଆଜିଠୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଭବିଷ୍ୟତରେ ସ୍ଥିତି ଭୟାବହ ସୁନିଶ୍ଚିତ ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*

## ଜନସଂଖ୍ୟା ସନ୍ତୁଳନ ଆବଶ୍ୟକ



ଆଜି ବିଶ୍ୱ ଜନସଂଖ୍ୟା ଦିବସ । ଏହି ଅବସରରେ ବିଶ୍ୱ ଜନସଂଖ୍ୟା ପ୍ରକାଶ ପାଇଛି । ସୋମବାର ମଧାହ୍ନ ସୁଦ୍ଧା ଏହା ୭୩୨୭୩୯୨୦୦୦ ଟପି ଯାଇଛି । ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଆମ ଆଗରେ ଏକ ବଡ଼ ସମସ୍ୟା ରୂପେ ଠିଆ ହୋଇଛି । ବର୍ତ୍ତମାନ ଜନସଂଖ୍ୟାର ମୋଟ ପରିମାଣ ପ୍ରାୟ ୭୩୨ କୋଟି ୭୫ ଲକ୍ଷରୁ ଉର୍ଦ୍ଧ୍ୱ । ଏଥିରୁ ଏସିଆ ମହାଦେଶର ୬୦% ଅର୍ଥାତ୍ ୪୨୯ କୋଟି, ଆଫ୍ରିକା ୧୨% - ୧୧୧କୋଟି, ୟୁରୋପ ୧୧% - ୭୪ କୋଟି, ଉ□ର ଆମେରିକା ୮% - ୫୬ କୋଟି, ଦକ୍ଷିଣ ଆମେରିକା ୫.୩% - ୪୦ କୋଟି ଓ ଅଷ୍ଟ୍ରେଲିଆ ୦.୩% ଅର୍ଥାତ୍ ୩ କୋଟି ଜନସଂଖ୍ୟା ବିଶିଷ୍ଟ ଅଟେ । କେବଳ ଚୀନ ଓ ଭାରତର ଲୋକସଂଖ୍ୟା ବିଶ୍ୱ ସମୁଦାୟର ୪୦% ଅଟେ । ଚୀନର ଲୋକସଂଖ୍ୟା ୧୪୦ କୋଟିରୁ ଅଧିକ ହୋଇଥିବା ବେଳେ, ଭାରତର ଲୋକସଂଖ୍ୟା ୧୨୫ କୋଟିରେ ପହଂଚ□ିଛି । ଶତକଡ଼ା ଦୃଷ୍ଟିରୁ ଚୀନର ଜନସଂଖ୍ୟା ୧୯.୫% ଓ ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୭.୩୧%ରେ ପହ□ିଛି । ୧୮୦୪ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦ କୋଟି ଥିବା ବେଳେ ୧୯୨୭ରେ ୨୦୦ କୋଟି, ୧୯୬୦ରେ ୩୦୦ କୋଟି, ୧୯୭୪ରେ ୪୦୦ କୋଟି, ୧୯୮୭ରେ ୫୦୦ କୋଟି, ୧୯୯୯ରେ ୬୦୦ କୋଟି, ୨୦୧୧ରେ ୭୦୦ କୋଟିରେ ପହଂଚିଛି । ଏହି ହାରରେ ବିଶ୍ୱର ଜନସଂଖ୍ୟା ୨୦୨୫ରେ ୮୦୦ କୋଟି, ୨୦୪୦ରେ ୯୦୦ କୋଟି ଓ ୨୦୬୧ରେ ୧୦୦୦ କୋଟି ଅତିକ୍ରମ କରିଯିବ । ୧୭୫୦ରେ ଭାରତର ଲୋକସଂଖ୍ୟା ୧୨ କୋଟି ୫୦ ଲକ୍ଷ ଥିବାବେଳେ, ୧୯୪୧ବେଳକୁ ୩୮କୋଟି ୯୦ ଲକ୍ଷରେ ପହଂଚ□ିଥିଲା । ଏକ ବିକାଶଶୀଳ ଦେଶ ଭାବରେ ଏହି କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା କେବଳ ଭାରତର ଅର୍ଥନୀତି ଉପରେ ବୋଝ ହୋଇନାହିଁ, ଏହା ଦେଶକୁ ସବୁଠୁ ବଡ଼ ଗରିବ ଲୋକଙ୍କ ଦେଶ ଭାବରେ ପରିଚିତ କରିଛି । ଜନ୍ମ ନିୟନ୍ତ୍ରଣ ପାଇଁ ସଚେତନତା ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ କମାଇଛି, ମାତ୍ର ଏହା ଯଥେଷ୍ଟ ନୁହେଁ । ୧୯୯୦ରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୧୬ କୋଟି ୩୦ଲକ୍ଷ ହୋଇଥିବାବେଳେ, ଏବେ ଏହା ୧୩ କୋଟି ୪୦ ଲକ୍ଷରେ ପହ□ିଛି । ମୃତ୍ୟୁହାର ଏବେ ବାର୍ଷିକ ୫କୋଟି ୭୦ଲକ୍ଷରେ ସ୍ଥିର ରହିଛି । ତାହାହେଲେ ଅଙ୍ଗାରକାମ୍ଳ ଘନତ୍ୱବୃଦ୍ଧି, ବିଶ୍ୱତାପମାନ ବୃଦ୍ଧି ଏବଂ ଖାଦ୍ୟ, ଜଳ ଓ ଶକ୍ତି ସଙ୍କଟ । ଜଣେ ଲୋକ ହାରାହାରି ଦିନକୁ ୨୦ କିଲୋ ଅଙ୍ଗାରକାମ୍ଳ ଛାଡ଼ିବା ହିସାବରେ ବିଶ୍ୱବାସୀ ପ୍ରତିଦିନ ୯୦ ହଜାର କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଗଚ୍ଛିତ ରଖୁଛନ୍ତି । ୧୯୫୦-୫୧ରେ ଆମ ଦେଶର ଯାନବାହାନ ସଂଖ୍ୟା ଥିଲା ୩ଲକ୍ଷ ୬ ହଜାର । ୨୦୧୦ ସୁଦ୍ଧା ପେଟ୍ରୋଲ, ଡିଜେଲ ଓ ଗ୍ୟାସରେ ଚାଲୁଥିବା ଏସବୁ ଯାନବାହାନ ସଂଖ୍ୟା ୧୦ କୋଟିରେ ପହ□ିଥିଲା । ଏମାନେ କେତେ ପରିମାଣରେ ପ୍ରଦୂଷଣ କରୁଛନ୍ତି ତାହା ଅକଳ୍ପନୀୟ । ୧୯୮୭ ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଯେତେବେଳେ ୫୦୦ କୋଟି ଛୁଇଁଲା, ସେତେବେଳେ ବିଭିନ୍ନ ଦେଶର ଚିନ୍ତାନାୟକ ଓ ନେତୃବର୍ଗ ଜନସଂଖ୍ୟାର ସଙ୍କଟ ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପା□ ବିଲିଅନ ଦିବସ ଭାବେ ପାଳନ କଲେ । ୧୯୮୯ରେ ଜାତିସଂଘ ଗଭର୍ଣ୍ଣିଂ କାଉନ୍ସିଲ ପ୍ରସ୍ତାବ ଗ୍ରହଣ କରି ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରିଆସୁଛି । ଡେଭଲପମେ□ ପ୍ରୋଗ୍ରାମର ଗଭର୍ନିଂ କାଉନ୍ସିଲ ଜୁଲାଇ ୧୧କୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରିବା ପାଇଁ ରେକମେ□ କରିଥିଲା । ଏହାପରଠାରୁ ପ୍ରତିବର୍ଷ ଏହି ଦିନକୁ ସାରା ବିଶ୍ୱରେ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ସନ୍ତୁଳିତ କରିବା । ଜନସଂଖ୍ୟା ଦେଶ ପାଇଁ ଉଭୟ ବିପଦ ଓ ସମ୍ପଦର କାମ କରିଥାଏ । ଜନସଂଖ୍ୟା ଅଧିକ ରହିଲେ କାମ କରିବାକୁ ଅଧିକ ଲୋକ ମିଳିବେ । ପୁଣି ଅଧିକ ଲୋକ ରହିଲେ ରହିବା ପାଇଁ ସ୍ଥାନର ଅଭାବ ସାଙ୍ଗକୁ ଖାଦ୍ୟପେୟର ଅଭାବ ମଧ୍ୟ ଦେଖାଦେବ । କିଭଳି ଭାବେ ଜନସଂଖ୍ୟାର ଭାରସାମ୍ୟକୁ ବଜାୟ ରଖାଯାଇପାରିବ, ଯେପରିକି ପ୍ରାକୃତିକ ସମ୍ପଦ ସୁବିନିଯୋଗ ହୋଇପାରିବ ଓ ଜନ ସମ୍ପଦର ସୁପରିଚାଳନା ହୋଇ ପାରିବ ଏହି ବାର୍ତ୍ତା ବହନ କରିଥାଏ ବିଶ୍ୱ ଜନସଂଖ୍ୟା ଦିବସ । ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଥିମ୍ ଅନୁଯାୟୀ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷର ଥିମ୍ ରହିଛି ଭଲନ୍‌ରେବୁଲ ପପୁଲେସନ୍ ଇନ୍ ଏମରଜେନ୍‌ସିଜ୍ । ଏହି ଦିବସ ସଙ୍ଗଠନଗୁଡ଼ିକ ବିଭିନ୍ନ କାର୍ଯ୍ୟକଳାପ ଓ ଇଭେ□ ଦ୍ୱାରା ପାଳନ କରିଥାନ୍ତି । କେହି କେହି ସମ୍ମିଳନୀ କରିଥାନ୍ତି ତ' ଆଉ କେହି ଶିକ୍ଷାଭି□କ ପ୍ରତିଯୋଗିତା, ଶିକ୍ଷାଭିତିକ ସୂଚନା ସମ୍ପର୍କିତ ଆଲୋଚନା, ରଚନା ଲିଖନ ପ୍ରତିଯୋଗିତା, କର୍ମଶାଳା, ବିଭିନ୍ନ ବିଷୟକୁ ନେଇ ବକ୍ତୃତା ପ୍ରତିଯୋଗିତା କରିଥାନ୍ତି । ଆଉ କିଏ ପୋଷ୍ଟର ବା□ଥାଏ ତ' ଆଉ କିଏ ସ୍ଲୋଗାନ ଦ୍ୱାରା ବାର୍ତ୍ତା ଦେଇଥାଏ । ତେବେ ସବୁରି ପଛରେ ଥାଏ ସଚେତନତାର ବାର୍ତ୍ତା । ଚଳିତ ବର୍ଷ ବିଶ୍ୱ ଜନସଂଖ୍ୟା ଦିବସ ପରିପ୍ରେକ୍ଷୀରେ ଜାତିସଂଘର ସେକ୍ରେଟାରୀ ଜେନେରାଲ ବାନ୍ କି ମୁନ୍ କହିଛନ୍ତି ଏହି ଦିବସରେ ଆମେ ସମସ୍ତେ କଠୋର ପଦକ୍ଷେପ ଗ୍ରହଣ କରିବା । ଯେପରି ସାମାଜିକ ବୈଷମ୍ୟ ଦୂର କରିବା ଏବଂ ସାରା ବିଶ୍ୱରେ ଆତଙ୍କବାଦର ମୂଳ ଉତ୍ପାଟନ କରିବା ଏବଂ ସାରା ବିଶ୍ୱରେ ସୁଖ ଶାନ୍ତି ସମୃଦ୍ଧି ହୋଇପାରିବ ତାହା ଚେଷ୍ଟା କରିବା । ଏ ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ କୁହନ୍ତି ଲୋକମାନଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇବା ପାଇଁ ଜନସଂଖ୍ୟା ସନ୍ତୁଳନ ରହିବା ଏକାନ୍ତ ଆବଶ୍ୟକ । ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଆମେ ଏହି ଦିବସ ପାଳନ କରିଥାଉ । ଲିଙ୍ଗଗତ ବୈଷମ୍ୟ ଦୂର କରିବା । ଏହା ଆମର ସବୁଠାରୁ ବଡ଼ ଅସୁବିଧା । କାହାକୁ ପୁଅ ଦରକାର ଥିଲେ ସେମାନଙ୍କର ଯଦି ଝିଅ ହୋଇଥାଏ ସେମାନେ ପୁଅ ହେବା ପର୍ଯ୍ୟନ୍ତ ଜନ୍ମ ଦେଇ ଚାଲିଥାନ୍ତି । ଫଳରେ ଜନସଂଖ୍ୟା ବୃଦ୍ଧି ପାଇଥାଏ । ତେଣୁ ଏହାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି । ଦୁଇଟି ପିଲା ଭିତରେ ବ୍ୟବଧାନ ରଖିବା ଉଚିତ । ଶିକ୍ଷାରେ ଭେଦଭାବ ରଖିବା ଉଚିତ ନୁହେଁ । ଯୁବପିଢ଼ିଙ୍କୁ ଜ୍ଞାନର ରାସ୍ତା ଦେଖାଇବା । ଶୀଘ୍ର ବିବାହ କରିବା ଉଚିତ ନୁହେଁ ।

## ଖଳିଲାଗି ଏକାଦଶୀ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ଅଣସର ଘରେ । ଆଷାଢ଼ କୃଷ୍ଣ ଏକାଦଶୀ ତିଥିକୁ ଖଳିଲାଗି ବା ଯୋଗିନୀ ଏକାଦଶୀ କୁହାଯାଏ । ଏହିଦିନ ଅଣସର ଘରେ ଥିବା ଶ୍ରୀଜୀଉମାନଙ୍କ ଅଙ୍ଗରେ ସୁବାସିତ ଚନ୍ଦନ ଲାଗି କରାଯାଏ । ମହାପ୍ରଭୁ ସୁସ୍ଥ ହୋଇଥିବାରୁ ଏକାଦଶୀ ଠାରୁ ଅଣସର ଘରେ ପୂଜା ସମୟରେ ଘଂଟି ବାଜିବା ସହିତ ଶ୍ରୀଜୀଉଙ୍କ ଅଙ୍ଗରେ ତୁଳସୀ ଫୁଲ ଲାଗି କରାଯାଏ । ରାତ୍ରରେ ମହାପ୍ରଭୁଙ୍କ ନୀତି ସମାପନ ପରେ ଶୁଦ୍ଧ ସୁଆର ଯୋଗାଇଥିବା ଖଳି ଶ୍ରୀଅଙ୍ଗରେ ଲାଗେ । ଗହମ ଗୁଣ୍ଡରୁ ଶୁକ୍ଳ ବସ୍ତ୍ରରେ ଛଣାଯାଇ ଖଳି ପ୍ରସ୍ତୁତ ହୋଇଥାଏ ଓ ଏହା ଶ୍ରୀଅଙ୍ଗର ଲେପନ କରାଯାଏ । ଯାହାକୁ ଶ୍ରୀମନ୍ଦିର ଭାଷାରେ ଖଳିଲାଗି କୁହାଯାଏ । ମାନ୍ୟତା ଅନୁଯାୟୀ ଯୋଗିନୀ ଏକାଦଶୀ ବ୍ରତ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ । ପୌରାଣିକ ଧାର୍ମିକ କଥା ଅନୁସାରେ ଏହି ଦିନ ବ୍ରତ ରଖିବା ଦ୍ୱାରା କୁଷ୍ଠ ରୋଗରୁ ମୁକ୍ତି ମିଳିଥାଏ । ସ୍ୱର୍ଗର ଅଳକାପୁରୀ ନାମକ ନଗରୀରେ କୁବେର ନାମକ ରାଜା ରହୁଥିଲେ । କୁବେର ଜଣେ ବଡ଼ ଶିବ ଉପାସକ ଥିଲେ । ତାଙ୍କ ପୂଜା ପାଇଁ ହେମ ନାମକ ମାଳୀ ପ୍ରତିଦିନ ଫୁଲ ନେଇ ଯାଇଥାନ୍ତି । ଥରେ ହେମ ନିଜ ପତ୍ନୀ ବିଶାଳାକ୍ଷୀଙ୍କୁ ମାନସରୋବରରେ ସ୍ନାନ କରିବା ସମୟରେ ଦେଖି କାମୁକ ହୋଇଗଲେ । ତେଣୁ ସେ ଫୁଲ ନେଇ ଯିବାରେ ବିଳମ୍ବ କରିଦେଲେ । ଏହି କାରଣରୁ ରାଜା କ୍ରୋଧିତ ହୋଇ ଶାପ ଦେଇ କହିଲେ ତୁ, କାମନାବାସନରେ ଭଗବାନ ଶିବଙ୍କୁ ଅନାଦର କରିଛୁ । ତେଣୁ ତୁ ସ୍ତ୍ରୀ ବିୟୋଗ ସହିବୁ ଏବଂ ମୃତ୍ୟୁଲୋକ ଯାଇ କୁଷ୍ଠ ରୋଗରେ ପୀଡ଼ିତ ହେବୁ । କୁବେରଙ୍କ ଶାପରେ ହେମ ସ୍ୱର୍ଗରୁ ପତନ ହୋଇ ପୃଥିବୀ ପୃଷ୍ଠରେ ପଡ଼ିଲେ । ପୃଥିବୀ ପୃଷ୍ଠରେ ହେମଙ୍କ ଶରୀର କୁଷ୍ଠ ରୋଗରେ ପୀଡ଼ିତ ହେଲା ଏବଂ ସେ ଅନେକ ଦିନ ପର୍ଯ୍ୟନ୍ତ କଷ୍ଟ ଭୋଗିଲେ । ଥରେ ମାର୍କଣ୍ଡ ଋଷିଙ୍କ ସହ ହେମର ସାକ୍ଷାତ ହୁଏ । ହେମର ଅବସ୍ଥା ଦେଖି ଓ ସମସ୍ତ ଘଟଣା ଜାଣି ସାରିବା ପରେ ମାର୍କଣ୍ଡ ଋଷି ଯୋଗିନୀ ଏକାଦଶୀ ବ୍ରତ କରିବା ପାଇଁ ପରାମର୍ଶ ଦେଇଥିଲେ । ଋଷିଙ୍କ ପରାମର୍ଶ କ୍ରମେ ହେମ ବିଧିପୂର୍ବକ ଯୋଗିନୀ ଏକାଦଶୀ ବ୍ରତ କରିଥିଲେ । ଏହି ବ୍ରତର ପୁଣ୍ୟ ଫଳରେ ସେ ଶାପମୁକ୍ତ ହେବା ସହ ପତ୍ନୀଙ୍କ ସହିତ ସୁଖରେ ଜୀବନଯାପନ କଲେ ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

## ଗୋପନ ସେବାରେ ଦିବ୍ୟପ୍ରଲେପ : ଖଳିଲାଗି

◆ ଡାକ୍ତର ସମ୍ରାଟ କର

ଶ୍ରୀଜଗନ୍ନାଥଙ୍କ ଅଣସର ଗୋପନ ସେବାରେ ଶୁଦ୍ଧ ସୁଆରମାନେ ଶ୍ରୀଅଙ୍ଗ ସେବା କରନ୍ତି । ବିଦ୍ୟାପତି ବଂଶଜ ରୂପେ ମାନ୍ୟତା ଦାବି କରୁଥିବା ଶୁଦ୍ଧ ସୁଆରମାନେ ଏହି ଭିତରେ ଖଳିଲାଗି କରିବା ବିଧି ରହିଛି । ସ୍କନ୍ଦ ପୁରାଣ, ବାମଦେବ ସଂହିତା, ନିଳାଦ୍ରି ମହୋଦୟ, ଦେଉଳ ତୋଳା ଆଦି ଗ୍ରନ୍ଥରେ ଗୁପ୍ତ ସେବା ସମ୍ପର୍କରେ ସବିଶେଷ ସୂଚନା ରହିଛି । ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପ ବା ଖଳିକୁ ରୂପା ଫିଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି । ଭିତର ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସଂପନ୍ନ ହୋଇଥାଏ । ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ ଦିଆଯାଇଥାଏ । ଗୋପନୀୟତା ରକ୍ଷା କରି ଦଇତାପତି, ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀ






ଅବଲମ୍ବନରେ ଶ୍ରୀଜୀଉଙ୍କୁ ରକ୍ତ ବସ୍ତ୍ର ଆବରଣ ଦେଇଥାନ୍ତି । ଏହାପରେ ନବଯୌବନ ପୂର୍ବରୁ ଶ୍ରୀବିଗ୍ରହ ମାନଙ୍କ ଶ୍ରୀଅଙ୍ଗରେ ଶେଷ ଦଫାରେ ବିଳମ୍ବିତ ରାତିରେ ଖଳି ଲାଗି ଦିଆଯାଏ । ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧ ସହକାରେ ପ୍ରସ୍ତୁତ କରିଥାନ୍ତି । ପୂର୍ବ ସନ୍ଧ୍ୟାରେ ଧୂପ ପରେ ଏହି ଖଳିକୁ ପ୍ରସ୍ତୁତ କରି ଶୁଦ୍ଧ



ସୁଆରଙ୍କୁ ବାସଭବନରେ ଅଧିବାସରେ ରଖିଥାଆନ୍ତି । ଏହି ଖଳି ବିଜେ ପାଇଁ ଶ୍ରୀମନ୍ଦିରରୁ ଘଂଟ, ଛତା ସହ ଡକାରା ଯାଇଥାଏ ଶୁଦ୍ଧ ସୁଆର ସେବକଙ୍କ ବାସଭବନକୁ । ତିନି ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଖଳି ବିଜେରେ ତିନିଜଣ ସେବାୟତ ଶ୍ରୀମନ୍ଦିର ଯାଇଥାଆନ୍ତି । ବିଜେ କାହାଳୀ, ବଜୟନ୍ତ୍ରୀ, ଘଂଟ, ଛତା ସହ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ନିମନ୍ତେ ତିନି ଶୁଦ୍ଧ ସୁଆର ଅଧିବାସିତ ଖଳି ପ୍ରସାଦକୁ ଶ୍ରୀମନ୍ଦିର ବିଜେ କରିଥାନ୍ତି । ଏହା ପୂର୍ବରୁ ଏହି ଖଳିକୁ ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିଥାନ୍ତି । ବିଜେ କାହାଳି ବାଜିବା ପରେ ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ବିଜେ କରିଥାନ୍ତି । ଶୁଦ୍ଧ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ବିଳମ୍ବିତ ରାତିରେ ଏହି ଖଳିକୁ ଶ୍ରୀବିଗ୍ରହଙ୍କୁ ଲାଗିର ଗୋପନ ସେବା ସଂପନ୍ନ ହୋଇଥାଏ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ:*





# ସ୍ମରଣେ ସଂପର୍କର ସ୍ମୃତିପଦାବଳି : ଶରତ କୁମାର ମହାନ୍ତି



ଶ୍ରଦ୍ଧାଞ୍ଜଳି

ଅକୁହା ବେଦନା ସତେ ଯେପରି ହୃଦୟରୁ ପ୍ରବାହିତ ରକ୍ତ ନିର୍ଝରିଣୀ ବହିଯାଇଛି ଏବଂ ବହି ଯାଉଛି ବର୍ଷ ପରେ ବର୍ଷ ୧୬ ବର୍ଷ ଧରି । ସେହି ଅକୁହା ମର୍ମର ପ୍ରତିଫଳିତ ଫର୍ଦ ହେଉଛି ଜଣେ କର୍ତବ୍ୟନଷ୍ଠ, ଧର୍ମାତ୍ମା ବ୍ୟକ୍ତି ବିଶେଷ ୰ ଶରତ କୁମାର ମହାନ୍ତି । ପୁଣ୍ୟ ଓଡ଼ିଶାର ଅନନ୍ୟ ଜିଲ୍ଲା ବାଲେଶ୍ୱରର ସରଡିହା ଠାରେ ୧୯୨୯ ମସିହା ମଇ ମାସ ୩ ତାରିଖ ଦିନ ଭୂମିସ୍ପର୍ଶ କରିଥିଲେ । ପିଲାଟିବେଳୁ ନିଜର କର୍ମଯୋଗ୍ୟତାର ସଠିକ୍ ରୂପାନ୍ତରିତ ନମୁନାର ଅଧ୍ୟାୟ ଶିକ୍ଷାଗ୍ରହଣ ପରିସମାପ୍ତି ପରେ ଜଣେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗରେ ସରକାରୀ କର୍ମଚାରୀ ଭାବେ ନିଯୁକ୍ତି ପାଇ ଜଣେ ସୁଯୋଗ୍ୟ କର୍ମଚାରୀ ଭାବେ ନିଜର କର୍ମସଂପାଦନ କରିଥିଲେ । ସେ ସେହି ବିଭାଗରେ ତହସିଲଦାର (ଏନଜିଟି) ଭାବରେ ଯୋଗଦାନ କରିବା ସହ ବାମନଘାଟି ସବ-ଡିଭିଜନରେ ତାଙ୍କର ପ୍ରଥମ ପୋଷ୍ଟିଂ ପାଇଥିଲେ ଏବଂ ତା'ପରେ ତାଙ୍କୁ ବୈସିଙ୍ଗାରେ ନିଯୁକ୍ତି ଦିଆଯାଇଥିଲା । ପରବର୍ତୀ ସମୟରେ ତାଙ୍କୁ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକରେ ପୋଷ୍ଟିଂ କରାଯାଇଥିଲା, ଏବଂ ଯେଉଁଠାରେ ସେ ଏକ ଅସାଧାରଣ ୧୩ ବର୍ଷ ପାଇଁ କାର୍ଯ୍ୟକରିବାର ସୁଯୋଗ ପାଇଥିଲେ । ସେହି ସମୟରେ, ସେ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରିଥିଲେ ଏବଂ ସଫଳତାର ସହିତ ଉଲ୍ଲେଖନୀୟ ପରିମାଣରେ ଖଜଣା (ଭୂମି ରାଜସ୍ୱ) ସଂଗ୍ରହ କରିଥିଲେ । ତାଙ୍କର ଦକ୍ଷତା, ସାଧୁତା ଏବଂ ଦୟାଳୁ ସ୍ୱଭାବ ତାଙ୍କୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ କରିଥିଲା । ତାଙ୍କ କ୍ୟାରିୟର ସମୟରେ, ସେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଉପ-ବିଭାଗ ଏବଂ ବ୍ଲକରେ ବିଭିନ୍ନ ଦାୟିତ୍ୱ ସଫଳତାର ସହିତ ପରିଚାଳନା କରିଥିଲେ । ବୟସର ପରିବୃଦ୍ଧି ପରବର୍ତୀ ସମୟରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଦେଉଳି ବ୍ଲକରୁ ରାଜସ୍ୱ ପର୍ଯ୍ୟବେକ୍ଷକ ଭାବରେ ସରକାରୀ ଚାକିରିରୁ ଆନୁଷ୍ଠାନିକ ଭାବେ ସେବା ନିବୃତି ଗ୍ରହଣ କରିଥିଲେ । ଜଣେ ଧର୍ମପ୍ରାଣ ବ୍ୟକ୍ତି ଭାବେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ଗରବ ଏବଂ ଅଭାବୀ ଲୋକଙ୍କ ପ୍ରତି ଦୟା ଏବଂ କରୁଣାପୂର୍ଣ୍ଣ ସେବାକୁ ସ୍ୱୀକୃତି ଦେଇ ତାଙ୍କର ଆଦର୍ଶ ଟ୍ରାକ୍ ରେକର୍ଡ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା କଲେକ୍ଟର ତାଙ୍କୁ ଡେବୋଟର ମ୍ୟାନେଜର (ଏକ ସମ୍ମାନଜନକ ପଦବୀ)ରେ ସମ୍ମାନିତ କରିଥିଲେ । ଏହି ଭୂମିକାରେ, ସେ ତିନି ବର୍ଷ ପାଇଁ ରାଇରଙ୍ଗପୁର ଉପ-ବିଭାଗ ଅଧୀନରେ ସମସ୍ତ ମୋଥୋ (ମଠ/ଧାର୍ମିକ ଅନୁଷ୍ଠାନ)କୁ ନିଷ୍ଠାର ସହିତ ଏବଂ ପ୍ରଭାବଶାଳୀ ଭାବରେ ପରିଚାଳନା କରିଥିଲେ । ସେ ଯେପର ଧର୍ମାତ୍ମା ତାଙ୍କର ସ୍ୱର୍ଗତା ସ୍ତ୍ରୀ ଶ୍ରୀମତୀ ଶୈଳବାଳା ମହାନ୍ତି ଜଣେ ଧର୍ମପ୍ରାଣା ମହିଳା ଥିଲେ । ଉଭୟ ପତି-ପତ୍ନୀ ନିରଳସ ଭାବେ ଜୀବନ ଯାପନ କରିବା କରିବା ଏବଂ ନିଜର ସନ୍ତାନ ମାନଙ୍କୁ ସୁଯୋଗ୍ୟ କରାଇ ପରବର୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅଳଂକୃତ କରାଇବାରେ ଶରତ କୁମାର ମହାନ୍ତି ସସ୍ତ୍ରୀକ ନିଜର କାର୍ଯ୍ୟକୁ ଦକ୍ଷତାର ସହ ତୁଲାଇ ଥିଲେ । ଜୀବନର ଚଲାପଥରେ ତାଙ୍କର ସ୍ତ୍ରୀ ତାଙ୍କୁ ସାହାଯ୍ୟ ଏବଂ ସମର୍ଥନ କରୁଥିଲେ । ତାଙ୍କର ଛଅ ପୁଅ ଏବଂ ଏକମାତ୍ର ଝିଅ ଶିକ୍ଷାଦୀକ୍ଷାରେ ବଳିଷ୍ଠତାର ସହ ନିଜକୁ ପ୍ରମାଣିତ କରିବା ସହ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିଛନ୍ତି । ୰ ମହାନ୍ତିଙ୍କର ଜ୍ୟେଷ୍ଠ ପୁତ୍ର ଶ୍ରୀ ଗିରିଜା କୁମାର ମହାନ୍ତି କେନ୍ଦ୍ରାପଡ଼ା ଜିଲ୍ଲାରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଭାବରେ ଅବସର ଗ୍ରହଣ କରିଛନ୍ତି । ଦ୍ୱିତୀୟପୁତ୍ର ଶ୍ରୀ ସଂଗ୍ରାମ କେଶରୀ ମହାନ୍ତି Central Reserve Police Force (CRPF) ଅଧୀନରେ ଜଣେ ବରିଷ୍ଠ ଅଧିକାରୀ ଭାବରେ ସାରା ଭାରତରେ ଦେଶକୁ ସ୍ୱାର୍ଥର ସହିତ ସେବା କରିଛନ୍ତି । ତାଙ୍କର ଉଜ୍ଜ୍ୱଳ କ୍ୟାରିୟରରେ, ସେ ଦେଶ ପ୍ରତି ତାଙ୍କର ଉତ୍ସର୍ଗୀକୃତତା ପାଇଁ ଭାରତ ସରକାରଙ୍କଠାରୁ ବହୁ ପ୍ରତିଷ୍ଠିତ ଏବଂ ଯୋଗ୍ୟ ପୁରସ୍କାର ପାଇଛନ୍ତି, ସମ୍ପ୍ରତି ସେ ଆସାମର ସିଲଚରରୁ Inspector General (IG) ଭାବରେ ଅବସର ନେଇଛନ୍ତି । କନ୍ୟା ଶ୍ରୀମତୀ ବନ୍ଦନା ମହାନ୍ତି ସମ୍ପ୍ରତି ରାଇରଙ୍ଗପୁର ଉପ- ବିଭାଗରୁ ସହକାରୀ ଶିକ୍ଷୟିତ୍ରୀ ଭାବରେ ଅବସର ଗ୍ରହଣ କରିଛନ୍ତି । ସେ ସ୍ୱର୍ଗତ, ପ୍ରସିଦ୍ଧ ଆଡଭୋକେଟ୍ ଶ୍ରୀ ରୁଦ୍ରନାରାୟଣ ପଟ୍ଟନାୟକଙ୍କ ପୁତ୍ରବଧୂ ଏବଂ ସ୍ୱର୍ଗତ ଶ୍ରୀ ତାପସ କୁମାର ପଟ୍ଟନାୟକଙ୍କ (ସହକାରୀ କୃଷି ଅଧିକାରୀ) ପତ୍ନୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଏବଂ ବର୍ତ୍ତମାନ ଜଣେ ଜଣାଶୁଣା ରିପୋର୍ଟର ଶ୍ରୀ ରବିନ୍ଦ୍ର ନାଥ ପଟ୍ଟନାୟକଙ୍କ ସାନ ଭାଇବୋହୂ । ତୃତୀୟ ପୁତ୍ର ଶ୍ରୀ ପ୍ରମୋଦ କୁମାର ମହାନ୍ତି, ବି.କମ୍, LLPM ବୁଧିରାଜ କନ୍ଷ୍ଟ୍ରକ୍ସନ କମ୍ପାନୀରେ ଲେବର ଅଫିସର ଭାବେ କାର୍ଯ୍ୟରତ ଥିବା ସହ ସମ୍ପ୍ରତି ସେ ଏକ NGO ସହିତ ସଂପୃକ୍ତ ଅଛନ୍ତି । ଚତୁର୍ଥ ପୁତ୍ର ଶ୍ରୀ ପ୍ରଣବ କିଶୋର ମହାନ୍ତି, M.Com, CS ମଧ୍ୟ ଦିଲ୍ଲୀରେ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଥିଲେ ଏବଂ ବର୍ତମାନ ସେ ପଶ୍ଚିମ ବଙ୍ଗ ଅଧୀନ ଏନଜିଓଗୁଡ଼ିକ ସହିତ ସଂପୃକ୍ତ ଅଛନ୍ତି । ପଂଚମ ପୁଅ ଶ୍ରୀ ପ୍ରକାଶ କୁମାର ମହାନ୍ତି ବର୍ତମାନ କୋଲକାତାରେ ଭାରତ ସରକାରଙ୍କ EPFOରେ ସତର୍କତା ସହାୟକ ଭାବରେ ନିଯୁକ୍ତ ଅଛନ୍ତି ଏବଂ ତାଙ୍କ ପତ୍ନୀଙ୍କୁ OPSC ଦ୍ୱାରା ସ୍ନାତକୋତର ଶିକ୍ଷକ ଭାବରେ ନିଯୁକ୍ତ କରାଯାଇଛି ଏବଂ ବାରିପଦାର MPC ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ କରାଯାଇଛି । ସବାସାନ ପୁଅ ଶ୍ରୀ ବିକାଶ କୁମାର ମହାନ୍ତି ଉଚ୍ଚ ଶିକ୍ଷା ସମାପ୍ତ କରିବା ପରେ ବାରିପଦାରେ ସାମାଜିକ କାର୍ଯ୍ୟ କରୁଛନ୍ତି । ସେହିପରି ୰ ମହାନ୍ତଙ୍କର ସମସ୍ତ ନାତିନାତୁଣୀମାନେ ମଧ୍ୟ ଉଚ୍ଚତର ଶିକ୍ଷା ଗ୍ରହଣ କରି ବିଭିନ୍ନ ସ୍ଥାନରେ ଉଚ୍ଚ ପଦପଦବୀରେ ପାଇଛନ୍ତି । ଜୀବନର ସମସ୍ତ ଘଟଣାବହୁଳ ସଂଘର୍ଷ ପରିଶେଷରେ ୨୦୧୧ ମସିହା ଜୁନ୍ ୨୩ ତାରିଖ ଦିନ ବାରିପଦାସ୍ଥିତ ତାଙ୍କ ବାସଭବନରେ ପରିସମାପ୍ତି ଘଟିଥିଲା । ସେ ଥିଲେ ସମସ୍ତଙ୍କ ପାଇଁ ସାମର୍ଥ୍ୟ ଏବଂ ପ୍ରେରଣାର ଉତ୍ସ । ଇହକାଳରେ ସେ ଯେପରି ଖ୍ୟାତି ଅର୍ଜନ କରିଥିଲେ ପରକାଳରେ ମଧ୍ୟ ତାଙ୍କର ସୁକର୍ମ ସର୍ବଦା ଭଗବାନଙ୍କ ପଦାରବିନ୍ଦରେ ସମର୍ପିତ ହୋଇଥିବ ଏଥିରେ ସନ୍ଦେହ ନାହିଁ । ତାଙ୍କର ଆର୍ଶିବାଦ ସଦାସର୍ବଦା ତାଙ୍କ ପିଲାମାନଙ୍କ ଉପରେ ବର୍ଷୁ ଥାଉ ଏହାହିଁ ଶ୍ରୀଶ୍ରୀଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା । +++

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାରରେ ଅନ୍ତେବାସୀ ମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ



ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀ ମାନଙ୍କୁ ଘରୋଇ ତାର ସଂଯୋଗୀକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେଥି ନିମିତ□ ସଚେତନତା କରାଯାଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା କାରାଗାର, ଭଦ୍ରକ, ଅଧୀକ୍ଷକ ଭଦ୍ରକ ବିକାଶ ସେଠୀ, ଜିଲ୍ଲା ଦକ୍ଷତା ଓ ବିକାଶ ନିଯୋଜନ ଅଧିକାରୀ, ଭଦ୍ରକ ଅନିତା ନାୟକ, ପ୍ରଶିକ୍ଷକ ପଙ୍କଜ ଦାସ ଏବଂ ଯୁବ ପରାମର୍ଶଦାତା ଭିନିତ ଶେଖର, ଏଲ ଏ ଡିସି ମୁଖ୍ୟ ନାରାୟଣ ପ୍ରସାଦ ବେହେରା, ସହାୟକ ତାପସ କୁମାର ମହାନ୍ତି ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ କାରାଗାରର ଅନ୍ତେବାସୀ ମାନଙ୍କୁ ଆଇନଗତ ସହାୟତାର ଅଧିକାର ଏବଂ ଆଇନଗତ ସହାୟତା ପାଇଁ ଆବେଦନ କରିବାର ପ୍ରକ୍ରିୟା, ବିଚାରର ପର୍ଯ୍ୟାୟ ଏବଂ ବିଚାରର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଅଧିକାର ତଥା ମହମ୍ମଦ ଅହମ୍ମଦ ଖାନ-ବିପକ୍ଷ - ଶାହ ବାନୋ ବେଗମ କେସରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ

ଭୁବନ : (ହି.ସ.) – ଢ଼େଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ମହାବିଦ୍ୟାଳୟଟି ୫୧ ବର୍ଷ ପୂର୍ବେ ଆଜିର ଦିନରେ ସହିଦ୍ ବାଜି ରାଉତଙ୍କ ନାମରେ ପ୍ରତିଷ୍ଠା ହୋଇ ଶିକ୍ଷା, ସଂସ୍କୃତିର ଉଜ୍ଜ୍ୱଳ ପ୍ରତୀକ ଭାବେ ଦିନକୁ ଦିନ ଅଗ୍ରଗତି କରିଚାଲିଛି । ଛାତ୍ର ଛାତ୍ରୀମାନେ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ପ୍ରାପ୍ତି ହେବାସହ କଲେଜ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ବିଧାୟକ ଶ୍ରୀ ଜେନା ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଡ଼ିଓ ଶ୍ରୀମତୀ ଆୟୁଷୀ ମହାପାତ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିବା ଜରୁରୀ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ କାମାକ୍ଷାନଗର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ କୁମାର ମହାନ୍ତି,ଅଧାପକ ଅନିଲ କୁମାର ଧୀର ଯୋଗଦେଇଥିଲେ । ମୋ କଲେଜ, ମୋ ଗୌରବ ସଂଯୋଜକ ଅଧାପକ ପ୍ରଭାତ କୁମାର ଜେନା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧକ୍ଷ ଶ୍ରୀ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଆରେ ମହାବିଦ୍ୟାଳୟ ର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ଧନ୍ୟବାଦ ଅର୍ପଣ କରିଥିଲେ । ଏବିଭିପିର ପ୍ରତିଷ୍ଠା ଦିବସ ଅବସରରେ କଲେଜ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର : (ହି.ସ.) – ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପଡାର କେତେକ ଲୋକ ଇହଧାମ ତ୍ୟାଗ କରିଥିବାରୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ପରିବେଶ ସୁରକ୍ଷା ପାଇଁ ପଡାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବାକୁ ସ୍ଥିର କରାଗଲା । ଅନ୍ୟ ଏକ ଆଲୋଚନା କ୍ରମେ ମାଲପଡାର ବର୍ଷା ବିପ୍ରାତ ଯୋଗୁଁ ସ୍କୁଲ ଘର ଓ ପାଚେରୀ ଭାଙ୍ଗି ଯାଇଥିବାରୁ ଏହାକୁ ନୂତନ ଭାବରେ ନିର୍ମାଣ କରାଯିବା ପାଇଁ ପୌର ପାଳିକାକୁ ଅନୁରୋଧ କରାଯାଇଥିଲା । ଏହାର ସ୍ଥିତି ଅନୁଧ୍ୟାନ କରି ପୌରାଧ୍ୟକ୍ଷା ଲିକା ସାହୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରି କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସହରରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେଉଛି ଏବଂ ଗାଈ ଗୋରୁ ପଲିଥିନ ଖାଇ ମୃତ୍ୟୁବରଣ କରୁଛନ୍ତି । ଏଥିପାଇଁ ଜିଲ୍ଲାପାଳ ଓ ପୌରପାଳିକାକୁ ପଲିଥିନ ମୁକ୍ତ କରିବା ପାଇଁ ପତ୍ରାଳାପ କରିବାକୁ ସ୍ଥିର କରାଗଲା । ସଭ୍ୟ ଦୟାସାଗର ବଗର୍ତି, ବିନୋଦ ପାଣିଗ୍ରାହୀ ଓ ନିମାଇଁ ଚରଣ ଦାଶଙ୍କୁ ସମ୍ମାନିତ କରାଗଲା । ଏହି ସଭାରେ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ସହ-ସଂପାଦକ ଅଶୋକ କୁମାର ଚାନ୍ଦ, କୋଷାଧ୍ୟକ୍ଷ ଦିବାକର ହୋତା, ସଭ୍ୟ ଅମିୟ କୁମାର ମିଶ୍ର, ସୂର୍ଯ୍ୟଭାନୁ ମିଶ୍ର, ଦେବଜିତ ଯୋଷୀ, ଶିବ ପ୍ରସାଦ ଶତପଥି, ସୁବାଷ ଚନ୍ଦ୍ର ପାତ୍ର ଓ ସନ୍ତୋଷ କୁମାର ସାହୁ ଆଦି ଆଲୋଚନାରେ ଭାଗ ନେଇଥିଲେ ।

# କନ୍ଧମାଳ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

କନ୍ଧମାଳ : (ହି.ସ.) – ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି(ଅତ୍ୟାଚାର ନିବାରଣ) ଆଇନ, ୧୯୮୯ର କାର୍ଯ୍ୟକାରିତାକୁ ଅଧିକ ଫଳପ୍ରଦ କରିବା, ପୀଡ଼ିତମାନଙ୍କୁ ସମୟୋପଯୋଗୀ ନ୍ୟାୟ ଓ ସରକାରୀ ସହାୟତା ସୁନିଶ୍ଚିତ କରିବା ସହ ଆଇନର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦେଇ ଗୁରୁବାର ଫୁଲବାଣୀସ୍ଥିତ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କନ୍ଧମାଳ ଶ୍ରୀ ବେଦଭୂଷଣ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଜିଲ୍ଲାରେ ରୁଜୁ ହୋଇଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅତ୍ୟାଚାର ସମ୍ବନ୍ଧୀୟ ମାମଲାର ତଦନ୍ତ, ବିଚାର ପ୍ରକ୍ରିୟା, ପୀଡ଼ିତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଆନ୍ତଃ ଜାତି ବିବାହ, ପୁନର୍ବାସ ବ୍ୟବସ୍ଥା ଓ ଆଇନର ବିଭିନ୍ନ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ପ୍ରତ୍ୟେକ ମାମଲାର ତ୍ୱରିତ ତଦନ୍ତ, ସମୟବଦ୍ଧ ଚାର୍ଜସିଟ୍ ଦାଖଲ ଏବଂ ପୀଡ଼ିତଙ୍କୁ ସରକାରୀ ସହାୟତା ବିନା ବିଳମ୍ବରେ ପହଂଚାଇବା ପାଇଁ କମିଟିରେ ମତ ପ୍ରକାଶ ପାଇଥିଲା । ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳ କହିଥିଲେ ଯେ, ଅତ୍ୟାଚାର ନିବାରଣ ଆଇନର ମୂଳ ଉଦ୍ଦେଶ୍ୟ କେବଳ ଅପରାଧୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ନୁହେଁ, ବରଂ ପୀଡ଼ିତମାନଙ୍କୁ ସୁରକ୍ଷା, ନ୍ୟାୟ ଓ ସମ୍ମାନର ସହିତ ପୁନର୍ବାସ ସୁନିଶ୍ଚିତ କରିବା । ଏଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ବୈଠକରେ ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ, ଜି. ଉଦୟଗିରି ବିଧାୟକ ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ କୁଶଳ ଚନ୍ଦ୍ର ନାଏକ, ପି.ଏ. ଆଇଟିଡିଏ, ଫୁଲବାଣୀ ଶ୍ରୀ ଯୁଧିଷ୍ଠିର ମେହେର,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରବି ନାରାୟଣ ମିଶ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ । ବୈଠକ ଶେଷରେ ଆଇନର ସୁଫଳ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ପୀଡ଼ିତମାନଙ୍କୁ ଯଥାସମୟରେ ନ୍ୟାୟ ପ୍ରଦାନ ଦିଗରେ ସମନ୍ୱିତ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରାଯାଇଥିଲା ।

# ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ : (ହି.ସ.) – ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରାମାକାନ୍ତ ମହାନ୍ତି, ଡି.ଏସ୍.ପି. ଫୁଲବାଣୀ ବ୍ରଜମୋହନ ପ୍ରଧାନ, ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରଶ୍ମୀତା ତ୍ରିପାଠୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରୀବୃନ୍ଦ ଓ ପାରା ଲିଗାଲ ସ୍ୱେଚ୍ଛାସେବି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିକ୍ଷାର ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ଶିଶୁଙ୍କ ଅଧିକାର, ସୁରକ୍ଷା, ନିଶୁଳ୍କ ଆଇନ ସହାୟତା ନମ୍ବର-୧୫୧୦୦, ଶିକ୍ଷାର ଗୁରୁତ୍ୱ ଏବଂ ଆଇନଗତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସରଳ ଭାଷାରେ ଅବଗତ କରାଯାଇଥିଲା । ସେହିପରି ଶିଶୁ ନିର୍ଯାତନା, ବାଲ୍ୟବିବାହ, ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାରୁ ଦୂରେଇ ରହିବା ସହ ଆବଶ୍ୟକ ସ୍ଥଳରେ ଆଇନର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

# ତବଲାକଟା ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ସମ୍ବଲପୁର : (ହି.ସ.) – ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଡିମିରିମୁଣ୍ଡା ପଂଚାୟତର ତବଲାକଟା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ରୋପ ଅନୁଷ୍ଠାନ, ବାଲ ସୁରକ୍ଷା ଇନିସିଏଟିବି(ନୂଆଦିଲ୍ଲୀ) ପ୍ରତ୍ୟେକ ନୂଆଦିଲ୍ଲୀ ମିଳିତ ଉଦ୍ୟମରେ ବନମହୋତ୍ସବ ପାଳନ କରାଯାଇଅଛି । ସର୍ବ ପ୍ରଥମେ ଶିଶୁମାନଙ୍କ ସହିତ ଅତିଥିଗଣ ତାବଲାକଟା ଗ୍ରାମରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା । ପଦଯାତ୍ରାକୁ ମୁଖ୍ୟ ଅତିଥି ସଞ୍ଜୟ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସମୟରେ ଶିଶୁମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ନିଷେଧ, ପାଣି, ବିଜୁଳିର ଉପଯୁକ୍ତ ବ୍ୟବହାର ଉପରେ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଏହି ଦିବସ ଉପଲକ୍ଷେ ଏକ ସଚେତନତା ସଭା କରାଯାଇଥିଲା । ରୋପ ସଂଯୋଜକ ବିମଳ ମେହେର ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବନରକ୍ଷୀ ଝରଣା ମାୟାର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧୀର ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରଭଞ୍ଜିନି ପଟେଲ, ଆଶା କର୍ମୀ ଶିବାଞ୍ଜଳି ଠାକୁର, ପ୍ରାଣୀମିତ୍ର ମୀନା ଠାକୁର ଯୋଗଦାନ କରିଥିଲେ । ଉକ୍ତ ସଭାରେ ଅତିଥିଗଣ ବନମହୋତ୍ସବ ହେଉଛି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବାର ଏକ ଜାତୀୟ ଅଭିଯାନ । ବୃକ୍ଷରୋପଣ କରି ପରିବେଶକୁ ସବୁଜ ଓ ସୁସ୍ଥ ରଖିବା । ଗଛ ଆମକୁ ଅମ୍ଳଜାନ, ଫଳ, ଔଷଧ, ଛାଇ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରେ । ତେଣୁ କେବଳ ଗଛ ଲଗାଇବା ନୁହେଁ, ସେଗୁଡ଼ିକର ଯତ୍ନ ନେଇ ବଂଚାଇ ରଖିବା ମଧ୍ୟ ଆମର ଦାୟିତ୍ୱ । ସମସ୍ତେ ମିଶି ଗୋଟିଏ ଲୋକ, ଗୋଟିଏ ଗଛ ସଂକଳ୍ପ ନେବା ଏବଂ ଏକ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବା ଏହା ବକ୍ତବ୍ୟ କରିଥିଲେ । ଏହି ସଚେତନତା ସଭାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅତିଥି ଗଣ ମିଶି ବିଭିନ୍ନ ପ୍ରକାର ଗଛ ଚାରାରୋପଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିଶୁ ଓ ସ୍ୱାମୀ ବିବେକାନନ୍ଦର ଶିଶୁମାନେ ଉପସ୍ଥିତ ରହିଥିଲେ । ରୋପ କର୍ମକର୍ତା ଭୂମିଶ୍ୱେତା ଧୁରୁଆ, ଜୁଲି ମହନ୍ତ ସହଯୋଗ କରିଥିଲେ ।

# ସୋର ମହାପାତ୍ର ହେଲଥ କେୟାର ନର୍ସିଂହୋମକୁ ସିଲ୍ କଲା ଜିଲ୍ଲା ପ୍ରଶାସନ

ସୋର : (ସପ୍ର)- ସୋରରେ ଥିବା ମହାପାତ୍ର ହେଲ୍‌ଥ କେୟାର ଓ ନର୍ସିଂ ହୋମ ଉପରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ସିଲ୍ କରାଯିବା ସହିତ ନର୍ସିଂ ହୋମର ମାଲିକ ଓ ଜଣେ ସହଯୋଗୀକୁ ସୋର ପୋଲିସ ଅଟକ ରଖିଥିବା ଜଣାପଡିଛି । ଦୀର୍ଘଦିନ ଧରି ଏହି ନର୍ସିଂହୋମରେ ଭୃଣହତ୍ୟା ଓ ଲିଙ୍ଗନିରୂପଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ମୂଳେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ସୋର ତହସିଲଦାର କୃଷ୍ଣ ମୋହନ ସିଂହ ,ବାହାନଗା ତହସିଲଦାର ଓ ସୋର ପୁଲିସ ମିଳିତ ଭାବେ ଚଢ଼ାଉ କରିଥିଲେ । ଏହି ସମୟରେ ବିଭିନ୍ନ ଆପତିଜନକ ସାମଗ୍ରୀ ଜବତ ହେବା ସହିତ, କାଗଜପତ୍ର ଓ କର୍ମଚାରମାନଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଯାଂଚ କରାଯାଇଥିଲା । ପରେ ବିଭିନ୍ନ ମେସିନ ସମେତ ମହାପାତ୍ର ହେଲଥକେୟାର ଓ ମହାପାତ୍ର ନର୍ସିଂ ହୋମକୁ ସିଲ୍ କରା ଯାଇ ଥିବା ଜଣାପଡିଛି । ସୂଚନାଯୋଗ୍ୟ ସୋରରେ ଏହି ଭଳି ଅନେକ ବେଆଇନ ନର୍ସିଂହୋମ ଖୋଲାଯାଇ ଗ୍ରାମାଂଚଳରୁ ଆସୁଥିବା ନୀରିହ, ଗରିବ ଲୋକଙ୍କୁ ଲୁଟୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।







# ୭୭ତମ ବନ ମହୋତ୍ସବ ପାଳିତ

ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା ତୁକୁଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଖଡିଆଳ ବନ ବିଭାଗର ମିଳିତ ଭାବରେ ୭୭ ତମ ବନ ମହୋତ୍ସବ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡିଏଲସି ନୂଆପଡ଼ା ଓ ଜି ଏସ ସମ୍ପାଦିକା ନଗନିତା ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବାବେଳେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାଁ , ନୂଆପଡ଼ା ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ତୁକୁଲା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ , ଖଡିଆଳ ଏନଏସି ପୁର୍ବତନ ଅଧ୍ୟକ୍ଷ ନିମାଇଁ ତାଣ୍ଡି , ରାନୀମୁଣ୍ଡା ଫରେଷ୍ଟର ରାଜେଶ କୁମାର ହରିଜନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ତୁକୁଲା ଗ୍ରାମର ମାନ୍ୟ ଗୁନ୍ୟ ବ୍ୟକ୍ତି ସମେତ ଅଭିବହାବକ ଓ ଛାତ ଛାତ୍ରୀ ଉପସ୍ଥିତ ଥିଲେ ସମାଜ ସେବୀ କ୍ଷୀରସିନ୍ଧୁ ସଗରିଆ ସତ୍ୟ ପାଠ କରେଇଥିଲେ ସମସ୍ତେ ବୃକ୍ଷ ରୋପଣ ପାଇଁ । ସତ୍ୟ ପାଠ କରିଥିଲେ । ଡିଏଫ୍ଓ ଶ୍ରୀ ଖାଁ କହିଲେ ସମସ୍ତେ ନିଜ ମାଁ ପାଇ ଗଛ ଟିଏ ରୋପଣ କରିବାକୁ (ଏକ ପେଡ୍ ମାଁ କେ ନାମ୍ ମେଁ ) ନିଜ ଉଦବୋଧନରେ କହିଥିଲେ । ଓ ଜି ଏସ ସମ୍ପାଦିକା ନଗନିତା ଦାସ କହିଲେ ସମସ୍ତେ ବୃକ୍ଷ ରୋପଣ କରିବା ସହ ପରିବେଶକୁ ଶଫା ସୁତୁରା ରଖିବା ପରିବେଶ ସୁରକ୍ଷା ବିଷୟରେ କହିଥିଲେ । ଛାତ୍ର ଛାତ୍ରୀ ଓ ଅଭିଭାବକ ମିଶି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଗଲା ଏହି କାର୍ଯ୍ୟ କର୍ମରେ ଫରେଷ୍ଟ ଗାର୍ଡ ବୀରେନ୍ଦ୍ର ମାଝୀ, ସାରଦା ବାଲି, ବନରକ୍ଷୀ ଦୀପକ ବାହାନ ସମେତ ତୁକୁଲା ଗାଁ ଓ ବିଦ୍ୟାଳୟ ର ଲୋକ ମାନେ ସାହାଯ୍ୟ କରିଥିଲେ ।

# ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ



ନୟାଗଡ଼(ନିପ୍ର) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ନୟାଗଡ଼ ଜିଲ୍ଲା କମିଟି ନେତୃତ୍ବ ରେ ସତାଧିକ କର୍ମୀଙ୍କୁ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଂଗଠିତ ହୋଇଯାଇଛି । ସାଥୀ ନିତ୍ୟାନନ୍ଦ ପରିଡ଼ା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବକ୍ତା ମାନେ ବିଜେପି ନେତୃତ୍ୱାଧୀନ ରାଜ୍ୟ ମୋହନ ମାଝୀ ସରକାର ର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା କୁ ତୀବ୍ର ସମାଲୋଚନା କରିଥିଲେ । ସରକାର ଦେଇ ଥିବା ସମସ୍ତ ପ୍ରତିଶୃତି ପାଳନ କରିବାରେ ବିଫଳ ହୋଇଥିଲା ବେଳେ ଜନ ଗଣ ଆଜି ସଙ୍କଟ ଜର୍ଜରିତ ବୋଲି ବକ୍ତା ମାନେ ଅଭିଯୋଗ କରିଥିଲେ । ବରହମପୁର ରେ ଗର୍ଭବତୀ ମହିଳା ଙ୍କୁ ହାଣି ହତ୍ୟା, ସର୍ବସାଧାରଣ ରେ ଦଳିତ ଜାତି ଙ୍କୁ ମାଡ଼ ଓ ନିର୍ଯ୍ୟାତନା, ସୌମ୍ୟ ହତ୍ୟା, ରାୟାଗଡା ରେ ଛାତ୍ରୀଙ୍କୁ ବିସ୍ତ୍ର, ଓଡଗାଁ ରେ ଯୁବକଙ୍କୁ ଖଣି ମାଫଆ ଙ୍କ ହତ୍ୟା, ଗଣିଆ ରେ ଯୁବକଙ୍କୁ ପୋଡି ହତ୍ୟା ଭଳି ୯ ଟି ଭିଡ଼ ହିଂସା ରାଜ୍ୟରେ ଘଟିଛି । ଏବଂ ବିଭିନ୍ନ ସ୍ଥାନରେ ପୋଲିସି ସରକାରୀ ଦଳ ଓ ମାଫଆ ଙ୍କ ହାତ ବାରେସୀ ସାଜି ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲା ବେଳେ ପୋଲିସି ନିଜେ ଗୁଣ୍ଡା ଗିରି କରି ଜନ ଗଣ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି ବୋଲି ବକ୍ତା ମାନେ ଅଭିଯୋଗ କରିଥିଲେ । ଆଜି ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ନାରୀ ହତ୍ୟା ବୃଦ୍ଧି ସାଙ୍ଗକୁ, ଗାଁ ଗାଁ ରେ କଙ୍ଗାରୁ କୋଟ, ଭିଡ଼ ହିଂସା ଯୋଗୁଁ ସାଧାରଣ ସ୍ତରରେ ରେ ଆତଙ୍କ ସୃଷ୍ଟି ହୋଇଛି । ତା ସାଙ୍ଗକୁ ପୋଲିସି କାର୍ଯ୍ୟାଳୟ ସରକାରୀ ଦଳର କାର୍ଯ୍ୟ୍ୟାଳୟ ରେ ପରିଣତ ହୋଇଥିଲା ବେଳେ ସାଧାରଣ ଲୋକ ଥାନା ଫାଣ୍ଡିଙ୍କୁ ଗଲେ ନ୍ୟାୟ ମିଳୁ ନାହିଁ ବୋଲି ବକ୍ତା ମାନେ କହିଥିଲେ । ପୋଲିସି ପ୍ରଶାସନ ନିରପେକ୍ଷ ସହ ଜିଲ୍ଲାରେ ଓ ରାଜ୍ୟରେ କାର୍ଯ୍ୟ କରିବାକୁ ପାର୍ଟି ତରଫରୁ ନିବେଦେନ କରାଯାଇଛି । ରାଜ୍ୟରେ ଭିଡ଼ ହିଂସା ବନ୍ଦ କରିବା, ମହିଳା ଓ ଶିଶୁ ସୁରକ୍ଷା ଆଇନ କୁ କଡ଼ାକଡ଼ି କରିବା, ସାମ୍ପ୍ରଦାୟିକ ହିଂସା, ଦଳିତ ଆଦିବାସୀ ମାନଙ୍କ ଉପରେ ଆକ୍ରମଣ କୁ ନିୟନ୍ତ୍ରଣ କରିବା ସହ ପ୍ରତି ଥାନା ରେ ଥିବା ଖାଲି ପଦବୀ ପୂରଣ କରିବାକୁ ଦାବୀ କରାଯାଇ ଥିଲା । ନଚେତ ଆନ୍ଦୋଳନ ତୀବ୍ରତର ହେବ ବୋଲି ପାର୍ଟି ତରଫରୁ ଚେତାବନି ଦିଆଯାଇଛି । ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ସଭାରେ ସିପିଏମ ରାଜ୍ୟ ନେତା ଜନ୍ମେଶ୍ୱର ସାମାନ୍ତରାୟ, ବିଶ୍ୱନାଥ ମହାପାତ୍ର, ଶରତ ବେହେରା, ସରୋଜ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

# ଚାଉଳରେ ବିଷ ମିଶିବା ଘଟଣା : ଗିରଫ ହେବେ ସହକାରୀ ଶିକ୍ଷୟିତ୍ରୀ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଂଚାୟତ ଅଧୀନ କଳଚୁଆ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶିବା ଘଟଣାରେ ଶିକ୍ଷା ବିଭାଗ ତରଫରୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟତ୍ରୀ ଓ ସହାକରୀ ଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କ ପକ୍ଷରୁ ସହକାରୀ ଶିକ୍ଷୟତ୍ରୀ କଳ୍ପନା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ଥାନାରେ ଲିଖିତ ଅଭିଯୋଗ ପରେ ଖଇରା ପୋଲିସ ଜୁନ ୩୦ ତାରିଖରେ ଏକ ମାମଲା(୧୬୩/୨୬) ରୁଜୁ କରିଛି ଏବଂ ଗିରଫ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ନେଇ ଖଇରା ପୋଲିସ କହିଛି । ସେହିଭଳି ପ୍ରଧାନଶିକ୍ଷୟତ୍ରୀ ରଜନୀ ପ୍ରଧାନଙ୍କୁ ଜୁଲାଇ ୬ତାରିଖରେ ସୋର ବ୍ଲକ କାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବଦଳୀ କରାଯାଇଛି । ସେପଟେ କଳମଚୁଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ହାତୀଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଉକ୍ତ ବିଦ୍ୟାଳୟରେ ଗଛିତ ଥିବା ୬ କୁଇଂଟାଲ ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶାଯିବା ନେଇ ରୋଷେଇ ଦାୟିତ୍ୱରେ ଥିବା ମହିଳା ଗ୍ରାମବାସୀଙ୍କୁ ଜଣାଇବା ପରେ ସମୂହ ଅଭିଭାବକ ଗତ ଜୁନ ୧୭ତାରିଖରେ ବିଦ୍ୟାଳୟରେ ତାଲାଦେଇ ଧାରଣାରେ ବସିଥିଲେ । ଏବିଇଓ ଲକ୍ଷ୍ମୀଧର ସିଂ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ସିପିଇଟି -୨୦୨୬ରେ ହିମଦ୍ରିତନୟାଙ୍କ କୃତିତ୍ୱ



ବାରିପଦା(ନିପ୍ର) : ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କମନ୍ ପିଜି ଏନ୍ତାନ୍ସ ଟେଷ୍ଟ -୨୦୨୬ ରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାର ଝିଅ ହିମଦ୍ରିତନୟା ଚୌଧୁରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ଥିବା ନେଇ ସାମସ ପକ୍ଷରୁ ଶ୍ରେଷ୍ଠ ୨୦ ତାଲିକାରେ ପ୍ରକାଶ ପାଇଛି । ଏହି ତାଲିକାରେ ତୃତୀୟ ସ୍ଥାନରେ ହିମାଦ୍ରି ତନୟା କୃତିତ୍ୱ ହାସଲ କରି ଜିଲ୍ଲାର ଗୌରବ ବଢ଼ାଇବା ସହ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ହିମାଦ୍ରିତନୟା ବାରିପଦା ତାଖତପୁର ସ୍ଥିତ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୃତତ୍ୱ ବିଜ୍ଞାନରେ ଯୁକ୍ତ ୩ ପାଠ ପଢା ଶେଷ କରିଛନ୍ତି । ସେ ୨୦୨୬ ସ୍ନାତକ ପରୀକ୍ଷାରେ ୯୦.୭୦ ପ୍ରତିଶତ ନମ୍ବର୍ ରଖି ସଫଳତାର ସହ ଉତୀର୍ଣ୍ଣ ହୋଇ ଥିବା ବେଳେ ରାଜ୍ୟସ୍ତରୀୟ ସିପିଇଟି ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି କୃତିତ୍ୱ ପାଇଁ ଏମ୍ ପିସିର ଅଧାପିକା ରଞ୍ଜନା ରାଣୀ ସିଂ, ଅଧାପିକା ହପନବିଟି ଟୁଡୁ, ଅଧାପିକା ଭାଗ୍ୟବତୀ ବେହେରା, ଅଧାପିକା ସଂଗୀତା ପ୍ରଧାନ ଙ୍କ ସମେତ ଏମଏସ୍ ସିବି ବିଶ୍ୱ ବିଦ୍ୟାଳୟର ନୃତତ୍ୱ ବିଭାଗର ଆସୋସିଏଟ୍ ପ୍ରଫେସର ଡ଼ଃ ବସନ୍ତ କୁମାର ମହାନ୍ତ, ପ୍ରଫେସର ପ୍ରିୟଙ୍କା ଦାସ, ଗବେଷଣାରତ ଶୁଭଲକ୍ଷ୍ମୀ ବରାଳ ସହପାଠୀ ଓ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ଜଣାଇଛନ୍ତି । ଭବିଷ୍ୟତରେ ହିମାଦ୍ରି ତନୟା ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ ଏଭଳି ସଫଳତାର ଧାରା ବଜାୟ ରଖିବେ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି । ହିମଦ୍ରିତନୟା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାରିପଦାର ଶ୍ରୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଅଧୟନ କରି ସମସ୍ତ ଶିକ୍ଷକ ଓ ଶିକ୍ଷିକା ଙ୍କର ପ୍ରୀୟଭାଜନ ହୋଇ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ସିଲ୍ଡ ଗ୍ରହଣ କରିଥିଲେ । ଏହାପରେ ସରସ୍ୱତୀ ଶିଶୁ ମନ୍ଦିରରେ ନବମ ଓ ଦଶମ ଶ୍ରେଣୀ ରେ ପଢ଼ି ସଫଳତାର ସହ ପ୍ରଥମ ଶ୍ରେଣୀ ରେ କୃତକାର୍ଯ୍ୟ ହେବା ପରେ ଶିରିସବଣୀସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସିବିଏସ୍ଇ ରେ ଯୁକ୍ତ ଦୁଇ ବିଜ୍ଞାନରେ ମଧ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିଲେ । ପରେ ଏମପିସି ରେ ନୃତତ୍ୱ ବିଜ୍ଞାନରେ ପାଠ ପଢି ୯୦.୭୦ ପ୍ରତିଶତ ନମ୍ବର୍ ରଖି କୃତକାର୍ଯ୍ୟ ହୋଇଛନ୍ତି । ପାଠପଢା ବ୍ୟତୀତ ସେ ଭଲ ବକ୍ତୃତା ଦେବା ସହ ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରନ୍ତି । ତାଙ୍କର ଅନେକ ଭଜନ, ଝୁମର ଓ ପଲ୍ଲୀ ଗୀତ ଆକାଶବାଣୀ ବାରିପଦାରେ ପ୍ରସାରିତ ହୋଇଛି । କେବଳ ସେତିକି ନୁହେଁ ୨୦୦୯ ମସିହାରେ ମାତ୍ର ସାଢ଼େ ୩ ବର୍ଷ ବୟସରେ ସେ କାମୟାବ ଟିଭିରେ ସର୍ବ କନିଷ୍ଠ କୁନି ରିପୋର୍ଟର ଭାବେ ସୁନାମ ଅର୍ଜନ କରିଥିବା ବେଳେ ୨୦୧୫ ମସିହା ଜାନୁଆରୀ ୨୪ ତାରିଖରେ ଆନ୍ତର୍ଜାତିକ ଶିଶୁ ପ୍ରସାରଣ ଦିବସରେ ବାରିପଦା ଆକାଶବାଣୀ ରେ ଉଦଘୋଷକ୍ ଭାବେ ସଫଳତାର ସହ କାର୍ଯ୍ୟକ୍ରମ ପ୍ରସାରଣ କରି ପ୍ରଶଂସା ସାଉଁଟି ଥିଲେ । ସେ ଓଡ଼ିଶୀ, ଛଉ, ଝୁମର, ସମ୍ବଲପୁରୀ ନୃତ୍ୟ ଶିକ୍ଷା କରିଛନ୍ତି । ୨୦୧୭ ମସିହା ଠାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଥମ କରି ରଥ ଆଗରେ ଓଡ଼ିଶୀ ଓ ଛଉ ନୃତ୍ୟ ପ୍ରଦର୍ଶନ କରି ଏକ ନୂଆ ପରମ୍ପରା ସୃଷ୍ଟି କରିଥିବା ବେଳେ ଏହା ଏକ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଛି । ହିମଦ୍ରିତନୟା ବିଶିଷ୍ଟ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଏବଂ ଆକାଶବାଣୀ ବାରିପଦାର ଘୋଷିକା ରେଣୁବାଳା ରଥ ଙ୍କର ଏକମାତ୍ର କନ୍ୟା ।

# ଭାରତ ବିକାଶ ପରିଷଦ ପ୍ରତିଷ୍ଠା ଦିବସ ପାଳିତ



ନୟାଗଡ଼(ନିପ୍ର) : ନୟାଗଡ଼ ସର୍କଟ୍ ହାଉସ୍ ନିକଟରେ ଅବସ୍ଥିତ ଭାରତ ବିକାଶ ପରିଷଦ, ନୟାଗଡ଼ ଶାଖା ଭବନରେ ପରିଷଦର ପ୍ରତିଷ୍ଠା ଦିବସ ତଥା ନୟାଗଡ଼ ଶାଖାର ସ୍ଥାପନା ଦିବସ ପାଳିତ ହୋଇ ଯାଇଛି । ଶାଖା ଅଧକ୍ଷ ପ୍ରସନ୍ନ କୁମାର ବସନ୍ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗଦେଇ ଥିଲା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନ ଜୀବୀ ତଥା ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଭାରତ ବିକାଶ ପରିଷଦ ଓଡିଶା ପୂର୍ବପ୍ରାନ୍ତର ଉପାଧକ୍ଷ ଶ୍ରୀଧର ସାହୁ ଯୋଗଦେଇଥିଲେ । ନୟାଗଡ଼ ଶାଖାର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ହର ପ୍ରସାଦ ମହାପାତ୍ର ମଂଚାସୀନ ହୋଇ ମାଆ ଭାରତୀଙ୍କ ବନ୍ଦନା ବନ୍ଦେମାତରମ୍ ସାମୂହିକ ଗାନ କରି ଭାରତ ବିକାଶ ପରିଷଦର ଉତ୍ପତି, ପ୍ରଗତି ଓ ଉଦ୍ଦେଶ୍ୟ ବିଷୟରେ ଅତିଥି ମାନେ ଆଲୋକପାତ କରିଥିଲେ । ସୁସ୍ଥ ସମର୍ଥ ସଂସ୍କାରିତ ଭାରତ ଗଠନ ହେଉଛି ଭାରତ ବିକାଶ ପରିଷଦର ମୂଳ ଲକ୍ଷ୍ୟ ବୋଲି କହିବା ସହିତ ସମ୍ପର୍କ ସହଯୋଗ ସଂସ୍କାର ସେବା ସମର୍ପଣ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ପ୍ରତିଷ୍ଠା ଦିବସ ଅବସରରେ ଚଳିତ ବର୍ଷର ଉତ୍କୃଷ୍ଟତା ସମ୍ମାନ ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସଙ୍କୁ ମଂଚାସୀନ ଅତିଥି ମାନେ ପ୍ରଦାନ କରିଥିଲେ । ଭାରତ ବିକାଶ ପରିଷଦ, ନୟାଗଡ ଶାଖାର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ହରପ୍ରସାଦ ମହାପାତ୍ର ଓ ପ୍ରଫେସର ଶ୍ରୀଧର ମିଶ୍ରଙ୍କୁ ସଦସ୍ୟମାନଙ୍କ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇ ଥିଲା । ପରିଶେଷରେ ଶାଖାର ସଂପାଦକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକ୍ସନ ମୁଡ୍ ରେ ଅବକାରୀ ବିଭାଗ : ଗିରଫ ହେଲେ ନିଶାମାଫିଆ

ଜଗତସିଂହପୁର(ନିପ୍ର) : କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଅଂଚଳରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୩୨ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ପଙ୍କପାଳ ଗ୍ରାମର ସତ୍ୟବ୍ରତ ଦାସ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ଉପ ନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରର ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ପଙ୍କପାଳ ଗ୍ରାମର ଚିତରଞ୍ଜନ ଦାସ ଙ୍କ ପୁଅ ସତ୍ୟବ୍ରତ ଦାସ । ଜବତ ହେରୋଇନ୍ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୩,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ମାମଲା ଥିବାର ସନ୍ଦେହ ରେ ଅବକରୀ ବିଭାଗ ତରଫରୁ ଖୋଳତାଡ ଆରମ୍ଭ କରିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

# ପବିତ୍ର ରଥଯାତ୍ରା ନିମନ୍ତେ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଶେଷ



ନୀଳଗିରି(ନିପ୍ର) : ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତାରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ବିଧୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ସାଂସଦ ଙ୍କ ପ୍ରତିନିଧି ବସନ୍ତ ରାଉଳ, ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟ ଜ୍ୟୋତି ଦାଶ, ଏନ୍ ଏ ସି ନିର୍ବାହୀ ଅଧକାରୀ ଅଂଶୁମାନ ପରିଡ଼ା, ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍ ଏ ସି.କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେର ପ୍ରମୁଖ ମଂଚାସିନ ଥିଲେ । ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ/ସଦସ୍ୟ ମାନଙ୍କୁ ଉଭୟ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରାମର୍ଶ କ୍ରମେ ନିମ୍ନ ପ୍ରମୁଖ ନିଷ୍ପତି ମାନ ଗ୍ରହଣ କରାଯାଇଛି । ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଉତରରେ ମହାରଣା ଓ ସହଯୋଗୀ ରଥର ଆନୁଷଙ୍ଗିକ ସମସ୍ତ ନିର୍ମାଣ କାର୍ଯ୍ୟର ସମାପ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ ଏବଂ ଅଧକ୍ଷ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବା ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ରଥର ଯୋଗ୍ୟତା ପ୍ରମାଣ ପତ୍ର ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ରଥଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସି ସି ଟିଭି ବ୍ୟବସ୍ଥା ଓ ସହରରେ ଯେପରି କୌଣସି ଟ୍ରାଫିକ ସମସ୍ୟା କିମ୍ବା ଜାମ ନହୁଏ, ସେଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ରଥାରୂଢ଼ ସଦସ୍ୟ ଓ ବକ୍ତା ରଥ ଉପରେ କେଉଁ ପ୍ରବଚକ, ସେବାୟତ ଓ ସଦସ୍ୟମାନେ ଉପସ୍ଥିତ ରହିବେ ତାହାର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି । ଜଳ ଓ ବିଦ୍ୟୁତ ସେବା ନିରବିଚ୍ଛିନ୍ନ ଭାବେ ଜାରି ରଖିବା । ସେବା ସମୟରେ ଅଦିନିଆ ବିଦ୍ୟୁତ କାଟ୍ ଯେପରି ନହୁଏ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବା ଜନ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟଜଳଯୋଗାଣ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ସୂଚନା କେନ୍ଦ୍ର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲା ଯିବା ପାଇଁ ନିଷ୍ପତି ହୋଇଛି । ରଥ ଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବା ପାଇଁ ଆଇନ୍ ଶୃଙ୍ଖଳା ରକ୍ଷା ଏବଂ ଶାନ୍ତି ପୂର୍ଣ୍ଣ ବାତାବରଣ ପାଇଁ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଂଚଳରେ ଏବଂ ବଡ଼ଦାଣ୍ଡ ଆଖ ପାଖରେ ଥିବା ସମସ୍ତ ବିଦେଶୀ ଓ ଦେଶୀ ମଦ ଦୋକାନ, ଆମିଷ ଏବଂ ରଙ୍ଗ ବୋଳା ଭୋଗ ସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯିବା ସହ ବାଲେଶ୍ୱର ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ନିଷ୍ପତି ହୋଇଛି । ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତି ନିଆଯାଇଛି । ସହର ଏବଂ ମୁଖ୍ୟ ରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି । ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ପାରମ୍ପରିକ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ । ମହାପ୍ରଭୁଙ୍କ ମହାନ ପବିତ୍ର ଘୋଷ ଯାତ୍ରା ପାଇଁ ଚୂଡ଼ାନ୍ତ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର ବୁଦ୍ଧିଜୀବି, ଆଇନଜୀବୀ, ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ବୈଠକର ସଫଳତା ନିମନ୍ତେ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନ ଓ ଲୋକସଂପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।





# ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓଙ୍କ ସମେତ ଅନ୍ୟ ତିନି ଜଣଙ୍କ ନାଁରେ ମାମଲା ପଞ୍ଜିକୃତ



ରାୟଗଡା (ନି.ପ୍ର) ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ଏନ୍.ଭାସ୍କର ରାଓଙ୍କୁ ଶକ୍ତଧକ୍କା ଲାଗିଛି । ରାୟଗଡା ଟ୍ରକ୍ ମାଲିକ ସଂଘ ର ଆର୍ଥିକ ଅନିୟମିତତା ଘଟଣାରେ ଟାଉନ୍ ଥାନାରେ ଦିଆଯାଇଥିବା ଅଭିଯୋଗକୁ ପୁଲିସ ପଞ୍ଜିକୃତ କରିଛି । ତାଙ୍କ ସହ ତାଙ୍କ ପୁଅ ଏନ୍.କ୍ରିଷ୍ଣା ଚୈତନ୍ୟ,ପୂର୍ବତନ ଟ୍ରକ୍ ମାଲିକ ସଂଘର ସଭାପତି ବି.ମନ୍ମଧା ରାଓ ଓ କୋଷାଧକ୍ଷ୍ୟ ଜି.କ୍ରିଷ୍ଣାଙ୍କ ବିରୋଧରେ ମଧ ମାମଲା ରୁଜୁ ହୋଇଛି । ଗତ ୨୦୦୩ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ସଂଘର ଆର୍ଥିକ ଅନିୟମିତତା ହୋଇଛି । ୨୦୦୩ ମସିହାରେ ନକ୍ସଲ ସଂଗଠନକୁ ଚାନ୍ଦା ଦେବା ନାମରେ ପ୍ରତି ମାଲିକଙ୍କ ଠାରୁ ୫ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ଟ୍ରକ୍ ର ଲୋଡିଂ ଓ ଅନଲୋଡିଙ୍ଗ୍ ବାବଦକୁ ୧ ହଜାର ଟଙ୍କା ଲେଖାଏଁ ଆଦାୟ କରାଯାଉଥିଲା । ଭାସ୍କାର ରାଓଙ୍କ ପ୍ରଛଦପଟ୍ଟରେ ସଂଘ ପରିଚାଳନା ହେଉଥିବା ବେଳେ ସଂଘକୁ ବିନା ବୈଧ ପଞ୍ଜିକରଣ କରି ମାଲିକ ମାନଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିଲା ବୋଲି ବର୍ତମାନର ଟ୍ରକ୍ ମାଲିକ ସଂଘ ସଭାପତି ତଥା ବରିଷ୍ଠ ବିଜେପି ସଂଗଠକ ୟାଲା ଭେଙ୍କେଟେଶ୍ୱର ରାଓ ଓରଫ୍ କୋଣ୍ଡା ବାବୁ ଗତ ଦୁଇ ବର୍ଷ ତଳେ ଥାନାରେ ଅଭିଯୋଗ କରିଥିଲେ । ପାଖାପାଖି ସଂଘର ୬୦ କୋଟି ଟଙ୍କା ଭାସ୍କର ରାଓ ବିଭିନ୍ନ ଆଳ ଦେଖାଇ ହରିଲୁଟ୍ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା । ତେବେ ଏହି ଘଟଣାରେ ପୁଲିସ କେବଳ ଅନୁଧ୍ୟାନ କରି ଏକ କେସ୍ ଡାଇରୀ ପଞ୍ଜିକୃତ କରିଥିବା ବେଳେ ଗତକାଲି ଏତଲାକୁ ପଞ୍ଜିକୃତ କରିଛି । ଅନ୍ୟପଟେ ରାଜ୍ୟ ସରକାର ଏହି ଆର୍ଥିକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ ବୋଲି ଅଭିଯୋଗକାରୀ ୟାଲା ଭେଙ୍କେଟେଶ୍ୱର ରାଓ ଦାବି କରିଛନ୍ତି । ଏହି ଘଟଣାରେ ବରିଷ୍ଠ ନେତା ଏନ୍.ଭାସ୍କର ରାଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ବିଧାୟିକାଙ୍କ ଦୁଇବର୍ଷ ପୂର୍ତି ଅବସରରେ ଶକ୍ତି ପ୍ରଦର୍ଶନ

ଲଙ୍ଗଳେଶ୍ୱର(ନିପ୍ର )ବସ୍ତା ବିଧାୟିକା ସୁବାସିନୀ ଜେନା ଙ୍କ ବିଧାୟିକା ହେବାର ଦୁଇବର୍ଷ ପୁର୍ତୀ ଅବସରରେ ଶକ୍ତି ପ୍ରଦର୍ଶନ ସହ ଟ୍ରାଇ ସାଇକେଲ ବଂଟନ କାର୍ଯ୍ୟକ୍ରମ । ରାଜ୍ୟ ବିଜେପି ସରକାର ଦୁଇବର୍ଷ ପୁର୍ତୀ ଉତ୍ସବ ପାଳନ କରୁଥିବା ବେଳେ, ବସ୍ତା ବିଧାୟିକା ସୁବାସିନୀ ଜେନା ମଧ ନିଜ ବିଧାୟିକା ପାଳି ଦୁଇବର୍ଷ ପୂରଣ କରିଥିବାରୁ, ନିଜ ଲଙ୍ଗଳେଶ୍ୱର ବାସଭବନରେ ପୂର୍ତୀ ଉତ୍ସବ ପାଳନ କରିବା ସହ,ଦୁଇ ବର୍ଷ ମଧରେ ବସ୍ତା ଓ ବାଲିଆପାଳ ବ୍ଲକ ରେ ତାଙ୍କ ଦ୍ୱାରା ହୋଇଥିବା ଉନ୍ନୟନ ମୂଳକ କାମର ତାଲିକା ଉପସ୍ଥିତ ଜନସାଧାରଣ ଙ୍କୁ ଦେବା ସହ,ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଂଟନ କରିଥିଲେ । ତେବେ ବସ୍ତା ବିଧାୟିକା ସୁବାସିନୀ ଜେନା ବିଜେଡି ଟିକେଟ୍ ରେ ବିଧାନ ସଭା ଯାଇଥିବା ବେଳେ, ରାଜ୍ୟସଭା ସାଂସଦ ଦିଲ୍ଲୀପ୍ ରାୟଙ୍କୁ ଦଳ ବିରୋଧରେ ଯାଇ ଭୋଟ୍ ଦେଇ, ଦଳରୁ ନିଲମ୍ବିତ ହେବାସହ, ସେ ଏବେ ନିର୍ଦଳୀୟ ଭାବରେ ରହିଛନ୍ତି । ତେବେ ବିଜେଡି ତାଙ୍କୁ ଦଳରୁ ନିଲମ୍ବିତ କରିବା ପରେ, ସେ ନିଜ ଶୁଭେଚ୍ଛୁ ତଥା ସମର୍ଥକ ଙ୍କୁ ନେଇ ବସ୍ତା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ କାର୍ଯ୍ୟ କରିବା ସହ ସଂଗଠନ କୁ ମଜବୁତ୍ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି । ସେପଟେ ବିଜେଡି ମଧ ବିଧାୟିକାଙ୍କୁ କାଉଁଟର କରି ନିଜର ସଂଗଠନ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରି, ବିଭିନ୍ନ ପଦାଧିକାରୀଙ୍କ ନାଁ ଘୋଷଣା କରିସାରିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ବିଧାୟିକା ଆଜି ନିଜର ଶକ୍ତି ପ୍ରଦର୍ଶନ କରିବା ସହ, ବସ୍ତା ଓ ବାଲିଆପାଳ ବ୍ଲକ ରୁ ହଜାର ହଜାର ସମର୍ଥକ ଯୋଗଦେବାକୁ ନେଇ,ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଧାୟିକା ସୁବାସିନୀ ଜେନା ବିଜେଡି ରୁ ନିଲମ୍ବିତ ହେବା ପରେ, ବିଧିବଦ୍ଧ ଭାବରେ କୌଣସି ଦଳରେ ସାମିଲ ହୋଇ ନଥିବା ବେଳେ, ତାଙ୍କର ସ୍ୱାମୀ ତଥା ପୂର୍ବତନ ସାଂସଦ ବିଜେପିରେ ବିଧିବଦ୍ଧ ଯୋଗଦାନ କରିଛନ୍ତି । ତେବେ ଚର୍ଚ୍ଚା ର ବିଷୟ ରବିନ୍ଦ୍ର ଜେନା ଆଜିର ବୈଠକରେ ଉପସ୍ଥିତ ରହିବା ସହ ବହୁ ବିଜେପି କର୍ମୀ ଓ ପଦାଧିକାରୀ ଆଜିର କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ତେବେ ଭବିଷ୍ୟତରେ ବିଧାୟିକା ସୁବାସିନୀ ଜେନା ପଦ୍ମ ଶିବିରକୁ ଯାଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଯୋରଧରିଛି ।

# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଗଞ୍ଜାମଠାରେ ଏକ ସଚେତନତା ଓ ମତ୍ସ୍ୟଚାଷୀ ସମାବେଶ କାର୍ଯ୍ୟକ୍ରମ



ବ୍ରହ୍ମପୁର(ନି.ପ୍ର.)ଜାତୀୟ ମତ୍ସ୍ୟ ଚାଷୀ ଦିବସ-୨୦୨୬ ଅବସରରେ ଆଜି ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଗଞ୍ଜାମଠାରେ ଏକ ସଚେତନତା ଓ ମତ୍ସ୍ୟଚାଷୀ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୫୦ରୁ ଅଧିକ ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡ଼ଝଐଏ) ସଦସ୍ୟ ଏବଂ ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଡ଼ଃ ଅଞ୍ଜନ କୁମାର ଦାଶ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ଉଉଠଙ), ଗଞ୍ଜାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟଚାଷରେ ଆଧୁନିକ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ, ପୌଷ୍ଟିକ ସୁରକ୍ଷା, ରୋଜଗାର ସୃଷ୍ଟି ଏବଂ ଗ୍ରାମୀଣ ଅର୍ଥନୀତିରେ ମତ୍ସ୍ୟ କ୍ଷେତ୍ରର ଭୂମିକା ଉପରେ ଆ । ଲୋ । କ ପା । ତ କରିଥିଲେ ।ଆମନ୍ତ୍ରିତ ଅତିଥି ଭାବେ ଶ୍ରୀ ସୁରେଶ ଚନ୍ଦ୍ର ବେହେରା, ଯୁଗ୍ମ ନିର୍ଦ୍ଦେଶକ, ମତ୍ସ୍ୟ ନିର୍ଦ୍ଦେଶାଳୟ ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର (କଠକ), ଗଞ୍ଜାମ, ଶ୍ରୀ ସଞ୍ଜୀବ ମିଶ୍ର, ଜିଲ୍ଲା ବିକାଶ ପ୍ରବନ୍ଧକ (ଡ଼ଉଗ), ନାବାର୍ଡ, ଶ୍ରୀ ହିମାଂଚଳ ସାହୁ, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର (ଖଉଗ), ଗଞ୍ଜାମ, ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଗଞ୍ଜାମ ଏବଂ ଶ୍ରୀ ଦେବୀଦତ୍ତ ମହାନ୍ତି, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ), ଗଞ୍ଜାମ ଯୋଗଦେଇ ମତ୍ସ୍ୟ କ୍ଷେତ୍ରର ବିକାଶ, ବୈଜ୍ଞାନିକ ମତ୍ସ୍ୟଚାଷ ଓ ଚାଷୀଙ୍କ ଆୟ ବୃଦ୍ଧି ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମରେ ଭାରତରେ ହାଇପୋଫାଇଜେସନ୍ (ଐଚ୍ଚକ୍ରକ୍ଟକ୍ରଷଚ୍ଚଷ୍ଠବଷସକ୍ଟଭ) ଓ କାର୍ପ ମାଛର କୃତ୍ରିମ ପ୍ରଜନନ (ଓଭ-ୟଙ୍କମରୟ ଇକ୍ସରରୟସଭଶ) ର ଇତିହାସ ଉପରେ ଏକ ବିଶେଷ ଉପସ୍ଥାପନା କରାଯାଇଥିଲା । ଏଥିରେ ବି. ଏ. ହାଉସେ, ରୋଡୋଲଫ୍ଟ ଭନ୍ ଇହେରିଙ୍ଗ, ହାମିଦ ଖାନ, ଡ଼ଃ ଏଚ୍. ଏଲ୍. ଚୌଧୁରୀ ଓ ଡ଼ଃ କେ. ଏଚ୍. ଆଲିକୁନ୍‌ହିଙ୍କ ଐତିହାସିକ ଅବଦାନ ସହ ଆଧୁନିକ ସିନ୍ଥେଟିକ୍ ହରମୋନ ଏବଂ ବୈଜ୍ଞାନିକ ହ୍ୟାଚେରୀ ପ୍ରଯୁକ୍ତି ମାଛ ଯାଆଁଳ ଉତ୍ପାଦନରେ ଆଣିଥିବା ପରିବର୍ତ୍ତନ ସମ୍ପର୍କରେ ସୂଚନା ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଶ୍ରୀ ଭାରତ ଭୂଷଣ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଗଞ୍ଜାମଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । ସେ ମତ୍ସ୍ୟଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଇତ୍ୟାଦି ଜରିଆରେ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ମତ୍ସ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ନାଗାବଳୀ ଗର୍ଭରେ କାଳ ଫାସ ସାଜିଛି ଆଡ଼ିବନ୍ଧ ଜେକେ କମ୍ପାନୀ କର୍ତୃପକ୍ଷଙ୍କ ବେଆଇନ ମନମୁଖୀ କାର୍ଯ୍ୟ




ରାୟଗଡା (ନିପ୍ର) ରାୟଗଡ଼ା ଜିଲ୍ଲା ଶିଳ୍ପନୁଷ୍ଠାନର କେନ୍ଦ୍ର ପାଲଟିଥିବା ବେଳେ ଚିରାଚରିତ ଢଙ୍ଗରେ ଜୀବନ ଯାପନ କରୁଛନ୍ତି ପ୍ରଭାବିତ ଜନବସତି । ଜେକେ କମ୍ପାନୀ ରାୟଗଡ଼ା ଜିଲ୍ଲା ନାଗାବଳୀ ଅବବାହିକାର ତଟରେ ୧୯୬୨ ମସିହାରୁ ପ୍ରତିଷ୍ଠା ହୋଇଥିବା ବେଳେ ଏଯାବତ୍ ଉକ୍ତ ଶିଳ୍ପ ପ୍ରତିଷ୍ଠାନର ୬୮ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରଭାବିତ ଅଂଚଳ ବାସୀଙ୍କ ଆଖିଦୃଶିଆ ବିକାଶ ଅପହଂଚ ହୋଇ ରହିଛି । ଏ ନେଇ ଅନେକ ସାମାଜିକ ଓ ରାଜନୈତିକ ସଂଗଠନ ଆନ୍ଦୋଳନ କରିଥିଲେ ସୁଦ୍ଧା ନିଜର କ୍ଷମତାର ପ୍ରୟୋଗ କରି ସେ ସବୁକୁ ଚୁପ୍ କରିବାରେ ଆଜି ପର୍ଯ୍ୟନ୍ତ ସକ୍ଷମ ହୋଇପାରିଛନ୍ତି ଜେକେ କାଗଜ କାଳର କର୍ତୃପକ୍ଷ । ଜେକେ କାଗଜ କଳ ଓ ସରକାରଙ୍କ ମଧରେ ନାଗାବଳୀ ନଦୀରୁ ୪୦ ହଜାର ଘନ ମିଲିଲିଟର ପାଣି ବ୍ୟବହାର କରିବା ନେଇ ଚୁକ୍ତି ହୋଇଥିବା ବେଳେ ଏହାର ଅପବ୍ୟବହାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି । କମ୍ପାନୀର ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ନାଗାବଳୀ ନଦୀ ଗର୍ଭରେ ଏ କୂଳରୁ ସେ କୂଳ ସମ୍ପୂର୍ଣ୍ଣ ଭାବେ ବେଆଇନ୍ ଆଡିବନ୍ଧ ବାନ୍ଧିବା ଦୃଶ୍ୟ ଦେଖିବାକୁ ମିଳିଛି । ଏହି ବେଆଇନ ଆଡ଼ିବନ୍ଧ ନିର୍ମାଣ କରି ଉପର ମୁଣ୍ଡ ରୁ ପାଣି ଶୋଷି ନେଉଥିବା ବେଳେ ନଦୀର ତଳମୁଣ୍ଡିଆ ରେ ବସବାସ କରୁଥିବା ଲୋକେ ଚାଷ ପାଇଁ ପାଣି ପାଉନଥିବା ଅଭିଯୋଗ ମଧ ହେଉଛି । କିନ୍ତୁ ତାଙ୍କର ଏହି ଅଭିଯୋଗ ନା ଶୁଣୁଛି ପ୍ରଶାସନ ନା ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧି । ଏହାକୁ ନେଇ ଏବେ ଜିଲ୍ଲାରେ ଉପକୂଳବର୍ତୀ ଲୋକଙ୍କ ଆକ୍ରୋଶ ବଢ଼ିବାରେ ଲାଗିଛି । ନାଗାବଳୀ ନଦୀର ଉପର ମୁଣ୍ଡରେ ଆଡ଼ିବନ୍ଧ ବାନ୍ଧି ପାଣି କମ୍ପାନୀ ନେଉଥିବା ବେଳେ ତାର ଅଳ୍ପ ଦୂରରେ ତଳ ଭାଗରେ କମ୍ପାନୀରୁ ନିଷ୍କାସିତ ଦୂଷିତ ପାଣି ନାଗାବଳୀ ନଦିଗର୍ଭକୁ ଛାଡୁଛି । ଯାହା ଫଳରେ ତଳ ମୁଣ୍ଡରେ ବସବାସ କରୁଥିବା ଲୋକେ ଏହି ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ନଦୀ ଉପକୂଳବର୍ତୀ ରେ ଥିବା ମାଳି ଗାଁ ର ବାସିନ୍ଦା ସୁରେଶ ହୁଇକା କହିଛନ୍ତି । ଏହା ଛଡା ନଦୀ ଗର୍ଭରେ ରହୁଥିବା ବିଭିନ୍ନ ଜଳଚର ପ୍ରାଣୀ ମଧ୍ୟ ମୃତ୍ୟୁ ମୁଖରେ ପଡୁଥିବା ଜଣା ପଡ଼ିଛି । ଏହାଛଡା ଖୋଦ୍ ଉପଜିଲ୍ଲାପାଳ ରମେଶ ଜେନା କହିଛନ୍ତି ଯେ କୌଣସି ନଦୀ ଗର୍ଭରେ ବାଲି ବସ୍ତା ରଖି ଆଡ଼ିବନ୍ଧ କରିବା ବେଆଇନ ଏହାକୁ ନେଇ କମ୍ପାନୀ କର୍ତୃପକ୍ଷ ନିଜ ମନୋମୁଖୀ ଭାବେ ସମସ୍ତ ନିୟମକୁ ପାଦରେ ଦଳି ନିଜର ସ୍ୱାର୍ଥ ସାଧନ ହାସିଲ କରୁଛି । ଏହାକୁ ନେଇ ଯଦିଓ ଜିଲ୍ଲା ପ୍ରଶାସନ ସଜାଗ ନ ହୁଏ ତାହେଲେ ଆଗାମୀ ଦିନରେ ଏହାକୁ ଏକ ବଡ ଜନ ଆନ୍ଦୋଳନ ର ସମ୍ମୁଖୀନ ହେବା ଏକ ପ୍ରକାର ସୁନିଶ୍ଚିତ ବୋଲି ରାୟଗଡ଼ାର ଯୁବନେତା ତଥା ସମାଜସେବୀ ଭବାନୀ ଶଙ୍କର ଜେନା କହିଛନ୍ତି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ (ନି.ପ୍ର.) : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଏରେଇଁ ଗ୍ରାମ ପ□ାୟତ, ଭଦ୍ରକରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧରେ ଜିଲ୍ଲା ଶ୍ରମ କାର୍ଯ୍ୟ ।ଳୟ , ଭଦ୍ରକ ସହାୟକ ଶ୍ରୀ ସଞ୍ଜିତ ଦେ, ଶ୍ରମ ବିଭାଗ ପରିଦର୍ଶକ ତେଜସ୍ୱିନୀ ନାୟକ, ଭଦ୍ରକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସୌମ୍ୟାଜୀତ ବେହେରା ପ୍ରତିପକ୍ଷ ଓକିଲ, ଭଦ୍ରକ, ଏଲ.ଏ.ଡ଼ିସ୍.ଏସ୍. ତାପସ କୁମାର ମହାନ୍ତି, ଏରେଇଁ ସରପ□ ଉର୍ମିଳା ଜେନା, ସାମାଜିକ କର୍ମୀ ରତ୍ନାକର ସାମଲ, ସୁଶାନ୍ତ କୁମାର ଦାସ, ପି ଏଲ ଭି ଅର୍ଣ୍ଣପୁର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ନାଲସା ସ୍ପୃହା ଯୋଜନା-୨୦୨୫ ଏବଂ ନାଲସା (ଦାରିଦ୍ର୍ୟ ଦୂରୀକରଣର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ) ଯୋଜନା, ୨୦୧୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଶ୍ରମ ବିଭାଗ ଦ୍ୱାରା ଶ୍ରମ କାର୍ଡ ଏବଂ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ମଧୁ ବାବୁ ପେନସନ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭ□। , ବିକଳାଙ୍ଗ ଭ□। , ବିଧବା ଭ□। ଇତ୍ୟାଦି ପ୍ରଦାନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଉଦଳା ଥାନା ଛକ ବସଷ୍ଟାଣ୍ଡରେ କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ

ଉଦଳା (ନି ପ୍ର) ଆଜି ଅପରାହ୍ନ ୪ ଘଂଟ ୩୦ ମିନିଟ ସମୟରେ ଉଦଳା ବସ ଷ୍ଟାଣ୍ଡ ରେ ଉଦଳା-ଭୁବନେଶ୍ୱର ରାଜା ବାବୁ ବସ୍ କଣ୍ଡକ୍ଟର ରବିନ୍ଦ୍ର ପରିଛାଙ୍କୁ ୪ ଜଣ ନିସ୍ତୁକ ମାରପିଟ୍ କରି ଥିଲେ । ଘଟଣାରୁ ଜଣାପଡିଛି ଯେ , ପପୁ ବାଛିନି ନାମକ ଜଣେ ବ୍ୟକ୍ତି ସେହି ବସରେ ଆସୁଥିଲେ ,ସେ ପାଣିକୋଇଲି ରେ ବସରୁ ପରିସ୍ରା କରିବା ପାଇଁ ଓହ୍ଲାଇଥିଲେ । ଗାଡ଼ିଟି ବହୁତ ସମୟ ଅପେକ୍ଷା କରିବା ଫଳରେ ଯାତ୍ରୀମାନେ ବିରକ୍ତ ହେବାରୁ ବସ ଟି ସେଠାରୁ କିଛି ବାଟ ଆସିବା ପରେ ସେ ରବିନ୍ଦ୍ରଙ୍କୁ ଫୋନ୍ କଲେ । ସେ ଫୋନ୍ ମାଧମରେ ରାଗିବା ସହିତ ଅଭଦ୍ର ଭାଷାରେ ଗାଳି ଗୁଲଜ କଲେ ମଧ କଣ୍ଡକ୍ଟର ହିସାବରେ ତାଙ୍କୁ ପଛ ବସରେ ଆସିବା ପାଇଁ କହିଥିଲି ଏବଂ ସେ ଆସି ଚରମ୍ପାରେ ଚଢ଼ିଥିଲେ । ବସ ଭିତରେ ସବୁ ଯାତ୍ରୀଙ୍କ ଆଗରେ ପୁଣି ଅଭଦ୍ର ଭାଷାରେ ଗାଳି କଲେ ତତସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇ ଥିଲେ । ଏକଥା ଥାନାରେ ଦେଇଥିବା ଏତଲାରେ ସେ ଲେଖି ଅଛନ୍ତି । ଉଦଳା ଥାନା ଛକରେ ବସ ପହଁଞ୍ଚିବା ପରେ ସେ ଓଃ ତାଙ୍କର ଅନ୍ୟ ତିନି ଜଣ କାର ଯୋଗେ ଆସି ଗାଡିରୁ ଘୋଷାରି ମରଣାନ୍ତକ ଆକ୍ରମଣ କରିଥିଲେ । ଏତଲାରେ ପପୁ ବାଛିନି ସହିତ ଅନ୍ୟ ତିନି ଜଣ ସହଯୋଗୀଙ୍କୁ ଗିରଫ ପାଇଁ ଦାବି କରି ଅଛନ୍ତି । ପୋଲିସ ଯଦି ଗିରଫ କରିବାକୁ ବିଳମ୍ବ କରନ୍ତି ତାହେଲେ ବସ ଚଳାଚଳ ବନ୍ଦକୁ ଏଡାଇ ଦିଆଯାଇନପାରେ ବୋଲି ଜଣା ପଡ଼ିଛି ।

# ଅନୁସୂଚିତ ଜାତି ଦମ୍ଭ/ଗଣା କଲ୍ୟାଣ ସମିତି ନୂଆପଡ଼ା ତରଫରୁ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା, (ନି.ପ୍ର)ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ପୁରାଣର ଏକ କୋଟି ପ୍ରତି ମାଗଣା ବ[ନ ଘୋଷଣାକୁ ନେଇ ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଡମଗଣା ସମାଜ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ନିଷ୍ପତ୍ତିକୁ ସମାଜ ପକ୍ଷରୁ କଡ଼ା ସମାଲୋଚନା କରାଯାଇଥିବା ବେଳେ ଏହା ରାଜ୍ୟର ପ୍ରକୃତ ସମସ୍ୟାରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ଏକ ପ୍ରଚାରଧର୍ମୀ ପଦକ୍ଷେପ ବୋଲି ଅଭିଯୋଗ କରାଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ଜିଲ୍ଲା ଡମଗଣା ସମାଜର ପ୍ରତିଷ୍ଠାତା ସଭାପତି ଫକୀର ମୋହନ ଜଗତ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ବେକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାଷୀ ସମସ୍ୟା ଭଳି ଅନେକ ଗୁରୁତର ପ୍ରସଙ୍ଗ ରହିଛି । ଏପରି ସମୟରେ ସରକାର ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଗୁରୁତ୍ୱ ନ ଦେଇ ଧାର୍ମିକ ପୁସ୍ତକ ବଂଟନ ଭଳି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ ।ସେ ଆହୁରି କହିଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ସାମାଜିକ ସଦ୍ଭାବ ଓ ଶାନ୍ତିମୈତ୍ରୀ ବଜାୟ ରହିଥିବା ବେଳେ ଲକ୍ଷ୍ମୀ ପୁରାଣର କେତେକ ବର୍ଣ୍ଣନା ସମାଜରେ ଜାତିଭେଦ ନେଇ ବିବାଦ ସୃଷ୍ଟି କରିପାରେ ବୋଲି ତାଙ୍କର ମତ । ପୂର୍ବରୁ ଏହି ପୁରାଣ ପ୍ରଚଳିତ ଥିଲେ ମଧ ଏହାକୁ ସରକାରୀ ସ୍ତରରେ ବଂଟନ କରିବା ଉଚିତ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ ।ଡମଗଣା ସମାଜ ପକ୍ଷରୁ ଆହୁରି କୁହାଯାଇଥିଲା ଯେ, ଓଡ଼ିଶା ସରକାର କେବଳ ଗୋଟିଏ ଧର୍ମ କିମ୍ବା ସମ୍ପ୍ରଦାୟର ନୁହେଁ; ବରଂ ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିୟାନ, ଶିଖ, ଜୈନ ସମେତ ସମସ୍ତ ଧର୍ମାବଲମ୍ବୀଙ୍କ ସରକାର । ତେଣୁ କେବଳ ଗୋଟିଏ ଧର୍ମ ସହ ସମ୍ପୃକ୍ତ ପୁସ୍ତକ ବଂଟନ ପରିବର୍ତ୍ତେ ସରକାର ସମସ୍ତଙ୍କ ପାଇଁ ଉପଯୋଗୀ ଭାରତୀୟ ସମ୍ବିଧାନ ବହି ବଂଟନ କରନ୍ତୁ ବୋଲି ସମାଜ ପକ୍ଷରୁ ଦାବି କରାଯାଇଛି । "ଯଦି ସରକାର ପ୍ରକୃତରେ ଲୋକଙ୍କ ସଚେତନତା ଓ କଲ୍ୟାଣ ପାଇଁ ଚିନ୍ତିତ, ତେବେ ସମସ୍ତ ନାଗରିକଙ୍କ ଅଧିକାର, ନ୍ୟାୟ, ସମ୍ମାନ ଓ ସୁରକ୍ଷାର ଆଧାର ଥିବା ଭାରତୀୟ ସମ୍ବିଧାନକୁ ଘରେ ଘରେ ପହଂଚାଇବା ଉଚିତ," ବୋଲି ଫକୀର ମୋହନ ଜଗତ କହିଥିଲେ ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଝାରସୁଗୁଡାରେ ଯୁବ ଓ ଛାତ୍ର ବିଜେଡିର ବିଶାଳ ଗର୍ଜନ, କୁଶପୁତଳିକା ଦାହ

ଝାରସୁଗୁଡା(ନି.ପ୍ର.)ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଶୁକ୍ରବାର ଝାରସୁଗୁଡାରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଓ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳେ ଶତାଧିକ ବିଜେଡି କର୍ମୀ ବେହେରାମାଲ ସ୍ଥିତ ମା' ତାରିଣୀ ମନ୍ଦିର ସମ୍ମୁଖରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ସମାବେଶ କରିଥିଲେ । ସେଠାରେ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯିବା ସହ ଶିକ୍ଷା ବ୍ୟବସ୍ଥାରେ ତୁରନ୍ତ ସୁଧାର ଆଣିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ରାଜ୍ୟ ସରକାର ଙ୍କ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ପ୍ରଦାନ କରାଯାଇଛି ।ରାଜ୍ୟ ଯୁବ ବିଜୁ ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତିଉଚ୍ଚ ଶିକ୍ଷାରୁ ଆରମ୍ଭ କରି ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ହଜାର ହଜାର ଭୁଲ୍ ତଥ୍ୟ ପ୍ରକାଶ ପାଇଛି । ଏହା ଦ୍ୱାରା କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି । ନୈତିକତା ଦୃଷ୍ଟିରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ନିଜ ପଦରୁ ଇସ୍ତଫା ଦେବା ଉଚିତ ଏବଂ ଏଭଳି ସଂଗୀନ ତ୍ରୁଟି ପାଇଁ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଦରକାର । ?ଏହି ପ୍ରତିବାଦ ସଭାରେ ଯୋଗଦେଇ ଝାରସୁଗୁଡା ର ପୂର୍ବତନ ବିଧାୟିକା ଦୀପାଳି ଦାସ କହିଛନ୍ତି ଯେ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ଆରମ୍ଭ ହୋଇଯାଇ ଥିଲେ ମଧ ସରକାରଙ୍କ ବେପରୁଆ ନୀତି ଯୋଗୁଁ ପିଲାମାନେ ଭ୍ରମାତ୍ମକ ବହି ବହି ପଢ଼ିବାକୁ ବାଧ ହେଉଛନ୍ତି । ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ଆମର ଏହି ସଂଗ୍ରାମ ଆଗାମୀ ଦିନରେ ମଧ ଜାରି ରହିବ । ?କାର୍ଯ୍ୟକ୍ରମ ରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର)ସଞ୍ଜିତ ମହାନ୍ତି, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଂପାଦକ ଦୁର୍ଗେଶ ମହାନ୍ତି, ରାଜ୍ୟ ବିଜୁ ଜନତା ଦଳ ରାଜ୍ୟ ପରିଷଦ ସଦସ୍ୟ ତାପସ ରାୟ ଚୌଧୁରୀ,ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ସଭାପତି ହରିଶ ଗନତ୍ରା, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ଜୟନ୍ତି ବାହୁକ,ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରୋବିନ ପାଣ୍ଡେ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶିବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତି ମିଞ୍ଜ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂ,ଝାରସୁଗୁଡ଼ା ମ୍ୟୁନିସିପାଲିଟୀ ଅଧକ୍ଷା ରାନି ହାତୀ,କୋଲାବିରା ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଲଇକେରା ବ୍ଲକ ଅଧକ୍ଷ ସଞ୍ଜିତ ନାଏକ, ଝାରସୁଗୁଡ଼ା ବ୍ଲକ ଅଧକ୍ଷା ଚିତ୍ରେଣୀ ପଟେଲ, ଝାରସୁଗୁଡ଼ା ବ୍ଲକ ସଭାପତି ଦାମୋଦର ନାଥ, ବ୍ରଜରାଜନଗର ଟାଉନ୍ ସଭାପତି ତପନ ରାଧାକାନ୍ତ ପ୍ରଧାନ , ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଅଶୋକ ଦାସ, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପିଂଟୁ ପାଢ଼ୀ, ବରିଷ୍ଠ ନେତା ଅରୁଣ ଚଇନି,ଆଲୋକ ତ୍ରିପାଠୀ, ପ୍ରଶାନ୍ତ ଜେନା, ଶଶି ଭୂଷଣ ତିୱାରି, ମଦନ ହାତୀ,ଚିରଞ୍ଜିବି ପତି , ଗୀତାଞ୍ଜଳି ପଣ୍ଡା, ନବନୀତ କୌର, ଦୀପା ନାଏକ ପ୍ରମୁଖ ଥିଲେ ।

# ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ "ଷ୍ଟାର୍ଟଅପ୍ କାର୍ଯକ୍ରମ"

କଟକ: ସ୍ଥାନୀୟ ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଉଦ୍ଭାବନ ଓ ନୂତନ ଉଦ୍ୟୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟିକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ ସନ ଆରମୋମେଟିକସର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶ୍ରୀ ପ୍ରବୋଧ କୁମାର ବଡପଣ୍ଡା, ଅଧକ୍ଷ ଶ୍ରୀ ଚନ୍ଦ୍ରମୋହନ ସ୍ୱାଇଁ । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ପ୍ରବୋଧ କୁମାର ବଡପଣ୍ଡା ନିଜ ଅଭିଭାଷଣରେ କିପରି ଅଳ୍ପ ବିନିଯୋଗ କରି କ୍ଷୁଦ୍ର ଉଦ୍ୟୋଗ କରିହେବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ସେ ନିଜ ଅଭିଭାଷଣରେ ଧିରୁଭାଇ ଅମ୍ବାନୀଙ୍କ ଉଦାହରଣ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଲ ଫର୍ ଭୋକାଲ୍ ବିଷୟରେ ମଧ ଅବଗତ କରିଥିଲେ । ଅଧକ୍ଷ ଶ୍ରୀ ଚନ୍ଦ୍ରମୋହନ ସ୍ୱାଇଁ ସରକାରଙ୍କ ଷ୍ଟାର୍ଟଅପ ପ୍ରୋଗ୍ରାମର ଆଭିମୁଖ୍ୟ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପାଦେୟତା ବିଷୟରେ କହିଥିଲେ ।

# ଆଜି ବିହାର ଗସ୍ତରେ ଯିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ଆସନ୍ତା ଶନିବାର ବିହାରର ଗୟା ଜିଲ୍ଲା ଗସ୍ତରେ ରହିବେ । ଏହି ଅବସରରେ ସେ ବିହାର ବିଧାନସଭା ସଦସ୍ୟମାନଙ୍କ ପାଇଁ ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଘାଟନୀ ଅଧିବେଶନରେ ଯୋଗଦେବେ । ଉପରାଷ୍ଟ୍ରପତି ସଚିବାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଶ୍ରୀ ରାଧାକୃଷ୍ଣନ ଗୟାସ୍ଥିତ ବିହାର ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍ ଆଣ୍ଡ ରୁରାଲ୍ ଡେଭଲପମେଂଟ (ବିଆଇପିଏଆରଡି) ରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଘାଟନ କରିବେ । ବିହାର ବିଧାନସଭା ସଦସ୍ୟମାନଙ୍କର ବିଧାନିକ ଓ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଆହୁରି ସୁଦୃଢ଼ କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ । ଗସ୍ତ ସମୟରେ ଉପରାଷ୍ଟ୍ରପତି କାର୍ଯ୍ୟକ୍ରମକୁ ସମ୍ବୋଧିତ ମଧ୍ୟ କରିବେ ।

# ନିଃସ୍ୱାର୍ଥପର ସେବା ଏବଂ ସମର୍ପଣର ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ନିଃସ୍ୱାର୍ଥପର ସେବା, ଲୋକ କଲ୍ୟାଣ ଏବଂ ସମର୍ପଣ ଭାବନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି 'ଏକ୍ସ 'ଉପରେ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ନିଃସ୍ୱାର୍ଥପର କାର୍ଯ୍ୟ ହେଉଛି ମାନବତାର ସବୁଠାରୁ ବଡ଼ ଶକ୍ତି ଏବଂ ଏହି ସେବା ଭାବନା ସହିତ ଦେଶ ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ଉନ୍ନତ କରିବାର ସଂକଳ୍ପ ନେଇ ଆଗକୁ ବଢ଼ୁଛି । ସୁଭାସିତମ୍ ହେଉଛି ନିମ୍ନମତେ-'ହିତମ୍ ଯତ୍ସର୍ବଭୂତମ୍ ଆତ୍ମାନମ୍ ସୁଖବମ୍' । ସର୍ବଶକ୍ତିମାନ ଭଗବାନ ଆପଣଙ୍କୁ ଚିରନ୍ତନ ଆନନ୍ଦ ପ୍ରଦାନ କରନ୍ତୁ । 'ଏହାର ଅର୍ଥ ହେଉଛି ଯେ ମଣିଷ କେବଳ ସେହି କାର୍ଯ୍ୟ କରିବା ଉଚିତ ଯାହା ସମସ୍ତ ପ୍ରାଣୀଙ୍କ ସ୍ୱାର୍ଥରେ ଏବଂ ଯାହା ତାଙ୍କ ଆତ୍ମାକୁ ସୁଖ ଏବଂ ଶାନ୍ତି ଆଣିଥାଏ । ଏହା ହେଉଛି ଭଗବାନଙ୍କ ପ୍ରତି ପ୍ରକୃତ ସମର୍ପଣ ଏବଂ ସମସ୍ତ ସଫଳତା ଏବଂ ଆଧ୍ୟାତ୍ମିକ ପ୍ରାପ୍ତିର ଆଧାର । ପ୍ରଧାନମନ୍ତ୍ରୀ କହିଥିଲେ, 'ନିଃସ୍ୱାର୍ଥପର କାର୍ଯ୍ୟ ହେଉଛି ମାନବତାର ସବୁଠାରୁ ବଡ଼ ଶକ୍ତି । ଏହି ସେବା ଏବଂ ସମର୍ପଣ ଭାବନା ସହିତ, ଆମେ ସମସ୍ତଙ୍କ ଜୀବନକୁ ଉନ୍ନତ କରିବା ପାଇଁ ସଂକଳ୍ପ ନେଇ ଆଗକୁ ବଢ଼ୁଛୁ ।

# ଜୁଲାଇ ୧୩ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର : ଆସନ୍ତା ସୋମବାର ଜୁଲାଇ ୧୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅବାରୁ ଆସନ୍ତା ସୋମବାର ୧୩ତାରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତି ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।






# ନ୍ୟୁଜିଲାଣ୍ଡରେ ପହଂଚିଲେ ପ୍ରଧାନମନ୍ତ୍ରୀ
## ଭବ୍ୟ ସ୍ୱାଗତ କଲେ କ୍ରିଷ୍ଟୋଫର ଲକ୍ସନ



ୱେଲିଙ୍ଗଟନ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଶୁକ୍ରବାର ନ୍ୟୁଜିଲାଣ୍ଡରେ ପହଂଚିଛନ୍ତି । ବିମାନବନ୍ଦରରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି । ଦୁଇ ଦିନିଆ ଗସ୍ତ କାଳରେ ପିଏମ୍ ମୋଦୀ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ସହ ଆର୍ଥିକ, ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବା ସହ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ । ଏହି ଗସ୍ତ ଭାରତର 'ଆକ୍ଟ ଇଷ୍ଟ ପଲିସି' ଏବଂ ମୁକ୍ତ 'ଭାରତ-ପ୍ରଶାନ୍ତ ମହାସାଗରୀୟ' ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବ । ନ୍ୟୁଜିଲାଣ୍ଡ ପୂର୍ବରୁ ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜଙ୍କ ସହ ରଣନୈତିକ ଆଲୋଚନା କରିଥିଲେ । ସେଠାରେ ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ ''ବେସାମରିକ ଆଣବିକ ଶକ୍ତି ଚୁକ୍ତି'' ସ୍ୱାକ୍ଷରିତ ହୋଇଛି, ଯାହା ଭାରତକୁ ୟୁରେନିୟମ୍ ଯୋଗାଣ ସହଜ କରିବ । ଏହାବାଦ୍ ସାମୁଦ୍ରିକ ପ୍ରତିରକ୍ଷା ସମ୍ପର୍କକୁ ଜୋରଦାର କରିବାକୁ ସହମତି ପ୍ରକାଶ ପାଇଛି । ଏହା ପୂର୍ବରୁ ମୋଦୀ ଇଣ୍ଡୋନେସିଆ ଗସ୍ତ କରି ସାମୁଦ୍ରିକ ସୁରକ୍ଷା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ୧୪ଟି ଚୁକ୍ତି ସ୍ୱାକ୍ଷର କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ନ୍ୟୁଜିଲାଣ୍ଡ ଯାତ୍ରା ତାଙ୍କର ସଫଳ ତିନି ଦେଶୀୟ ଭ୍ରମଣର ସମାପ୍ତି ଆଣିବ ।

# ଓମାନରେ ମନ୍ତ୍ରୀସ୍ତରୀୟ ବୈଠକରେ
## ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର



ନୂଆଦିଲ୍ଲୀ : ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶୁକ୍ରବାର ଦିନ ଓମାନକୁ ସରକାରୀ ଗସ୍ତରେ ଯାଇଥିଲେ ଏବଂ ତାଙ୍କ ପ୍ରତିପକ୍ଷ ସୟଦ ବଦ୍ର ଅଲ-ବୁସାଇଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଦୁଇ ମନ୍ତ୍ରୀ ଭାରତ-ଓମାନ ରଣନୈତିକ ଭାଗିଦାରୀର ସମସ୍ତ ଦିଗକୁ ସମୀକ୍ଷା କରିଥିଲେ ଏବଂ ପାରସ୍ପରିକ ସ୍ୱାର୍ଥର ଆଂଚଳିକ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଜୟଶଙ୍କର ସାମ୍ପ୍ରତିକ ଆଂଚଳିକ ବିକାଶ ସମୟରେ ଭାରତୀୟ ନାବିକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିଥିବାରୁ ଓମାନ ସରକାରଙ୍କୁ ପ୍ରଶଂସା କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଓମାନରେ ରହୁଥିବା ଜୀବନ୍ତ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ମଧ୍ୟ କଥାବାର୍ତ୍ତା କରିଥିଲେ ଏବଂ ବହୁମୁଖୀ ଭାରତ-ଓମାନ ସମ୍ପର୍କକୁ ଆହୁରି ମଜବୁତ କରିବାରେ ସେମାନଙ୍କର ନିରନ୍ତର ଅବଦାନକୁ ପ୍ରଶଂସା କରିଥିଲେ । ଏଠାରେ ସ୍ମରଣଯୋଗ୍ୟ ଯେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଜୁଲାଇ ୫ ରୁ ୧୦ ତାରିଖ ମଧ୍ୟରେ କତାର, ବାହାରିନ, କୁଏତ ଏବଂ ଓମାନକୁ ସରକାରୀ ଗସ୍ତରେ ଯାଇଥିଲେ । ଏହି ଗସ୍ତ ଚାରୋଟି ଦେଶ ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ସହିତ ଆଂଚଳିକ ବିକାଶ ଏବଂ ପାରସ୍ପରିକ ସ୍ୱାର୍ଥର ପ୍ରସଙ୍ଗ ଉପରେ ମତ ବିନିମୟ କରିବାର ସୁଯୋଗ ପ୍ରଦାନ କରିଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବେ ଜୁଲାଇ ୧୩ ତାରିଖରେ ନ୍ୟୁୟର୍କ ଗସ୍ତ କରିବେ । ଏଠାରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ୨୦୨୮-୨୯ କାର୍ଯ୍ୟକାଳ ପାଇଁ ଭାରତର ସରକାରୀ ଅଭିଯାନ ଆରମ୍ଭ କରିବେ । ଏହାପରେ ସେ ଜୁଲାଇ ୧୪ ରୁ ୧୫ ତାରିଖ ମଧ୍ୟରେ ବ୍ରୁସେଲ୍ସରେ ହେବାକୁ ଥିବା ତୃତୀୟ ଭାରତ-ୟୁରୋପୀୟ ସଂଘ ବ୍ୟବସାୟ ଏବଂ ପ୍ରଯୁକ୍ତି ପରିଷଦ ବୈଠକରେ ଯୋଗଦେବେ ଏବଂ ୟୁରୋପୀୟ ସଂଘ ଏବଂ ବେଲଜିୟମ ପ୍ରତିପକ୍ଷଙ୍କ ସହ ମତ ବିନିମୟ କରିବେ ।

# ରାକ୍ଷୀ ପୂର୍ଣ୍ଣିମାରେ ଦିଆଯିବ ସୁଭଦ୍ରା
## ଯୋଜନାର ପଂଚମ କିସ୍ତି : ଉପ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ରାକ୍ଷୀ ପୂର୍ଣ୍ଣିମା ବଂଟା ହେବ ସୁଭଦ୍ର ପଂଚମ କିସ୍ତି । ଏନେଇ ପ୍ରକ୍ରିୟ ଶେଷ ପର୍ଯ୍ୟାୟରେ ପହଂଚିଛି । ୨୦୨୬-୨୭ ବର୍ଷରେ ସୁଭଦ୍ରା ପାଇଁ ୩ ଲକ୍ଷ ୧୭ ହଜାର ୯୬୬ ଜଣ ନୂଆ ହିତାଧିକାରୀ ଯୋଜନାରେ ସାମିଲ ପାଇଁ ଆବେଦନ କରିଛନ୍ତି । ୮୨ ହଜାର ୩୬ ଜଣଙ୍କର ଡିବିଟି ସକ୍ରିୟ ପାଇଁ କୁହାଯାଇଛି । ୨୮ ହଜାର ୬୧୧ ଜଣଙ୍କର ବାୟୋମେଟ୍ରିକ ଇ-କଣଉ ହୋଇନି । ଜୁଲାଇ ୨୫ ତାରିଖ ସୁଦ୍ଧା ସମସ୍ତଙ୍କର ଫିଲ୍ଡ ଇନକ୍ୱାରୀ ସରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ଲୋକସେବା ଭବନରେ ସୁଭଦ୍ରା ଯୋଜନାର ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ନୂଆ ଆବେଦନକାରୀ ଡିବିଟି, ଇ-କେୱାଇସି, ଫିଲଡ୍ ଭେରିଫିକେସନ ଏବଂ ବ୍ୟାଙ୍କ ଲିଙ୍କ୍ ନେଇ ଯେଉଁ ସମସ୍ୟା ରହିଛି । ଜୁଲାଇ ୨୫ ତାରିଖ ପୂର୍ବରୁ ତାର ଇନକ୍ୱାରୀ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୮୨ହଜାର ୩୬ଜଣଙ୍କ ଡିବିଟି ଆକ୍ଟିଭ୍ କରିବା, ୨୮ହଜାର ୬୨୧ଜଣଙ୍କ ବାୟୋମେଟ୍ରିକ ଇ-କଣଉ ଏବଂ ୩ଲକ୍ଷ ୫୩ହଜାର ୫୯ଜଣଙ୍କ ଫିଲଡ୍ ଏନକ୍ୱାରୀ ସମ୍ବନ୍ଧୀୟ ମାମଲା ସାରିବାକୁ କୁହାଯାଇଛି । ସେହିଭଳି ବ୍ଲକସ୍ତରୀୟ କମିଟି, ଜିଲ୍ଲା କମିଟି ଏହାର ତଦନ୍ତ କରି ରିପୋର୍ଟ ଦେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଜୁଲାଇ ୨୫ ତାରିଖ ଭିତରେ ଫିଙ୍ଗର ପ୍ରିଂଟ ଦେଇ ଆବେଦନ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହା ପୂର୍ବରୁ ଯେଉଁମାନଙ୍କର ୫ ଏକର ଜମି ନାହିଁ, କିନ୍ତୁ ସେମାନେ ଯୋଜନାରୁ ବାଦ ପଡିଛନ୍ତି ଏବେ ସେମାନେ ଫିଲଡ୍ ତଦନ୍ତରେ ଅଭିଯୋଗ କରିପାରିବେ । ପ୍ରଥମରୁ ଯଦି ଆବେଦନ କରିଥିବେ ଏବଂ କୌଣସି କିସ୍ତି ପାଇ ନଥିବେ ତାହେଲେ ସେମାନେ ଯୋଗ୍ୟ ବିବେଚିତ ହେଲେ ଏକକାଳୀନ ୫ଟି କିସ୍ତିର ଟଙ୍କା ପାଇବେ ।

# ଆହୁରି ବଢ଼ିବ ବର୍ଷାର ପ୍ରକୋପ
## ସତର୍କ କଲା ପାଣିପାଗ ବିଭାଗ



ଭୁବନେଶ୍ୱର: ଓଡ଼ିଶାରେ ମୌସୁମୀ ବର୍ଷାର ତାଣ୍ଡବ ଏବେ ବି ଜାରି ରହିଛି । ଗତ କିଛି ଦିନ ଧରି ରାଜ୍ୟର ବିଭିନ୍ନ ଅଂଚଳରେ ଅସରାଏ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ, ପାଣିପାଗ ବିଭାଗର ସଦ୍ୟତମ ସୂଚନା ଚିନ୍ତା ବଢ଼ାଇ ଦେଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଜାରି ରହିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା କିଛି ଦିନ ଧରି ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ । ଆସନ୍ତା ଜୁଲାଇ ୧୩ ଏବଂ ୧୪ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଅନେକ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ଜୋରଦାର ବର୍ଷା ହୋଇପାରେ । ୧୫, ୧୬ ଏବଂ ୧୭ ତାରିଖ ପାଇଁ ମଧ୍ୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି ରଖିଛି । ଲଗାତାର ବର୍ଷା ଯୋଗୁଁ ନିମ୍ନ ଅଂଚଳରେ ପାଣି ଜମିବା ଏବଂ କଚ୍ଚା ଘର କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ସେହିପରି ଖୋଲା ଆକାଶ ତଳେ କାମ କରୁଥିବା ବ୍ୟକ୍ତିବିଶେଷ ଓ ଚାଷୀ ଭାଇମାନଙ୍କୁ ବିଜୁଳି ଓ ଘଡ଼ଘଡ଼ି ସମୟରେ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗର ବୁଲେଟିନ୍ ଅନୁଯାୟୀ, ବର୍ତ୍ତମାନ ଯଦିଓ ବର୍ଷାର ତୀବ୍ରତା ପୂର୍ବ ଅପେକ୍ଷା କିଛିଟା ନିୟନ୍ତ୍ରଣରେ ଅଛି, ତଥାପି ବାୟୁମଣ୍ଡଳରେ ଆଦ୍ରତା ଅଧିକ ରହିଥିବାରୁ ବର୍ଷାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ସହରୀ ଅଂଚଳରେ ଡ୍ରେନେଜ୍ ସମସ୍ୟା ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶାସନ ନଜର ରଖିବାକୁ କୁହାଯାଇଛି ।

# ମହାକାଶ ଯିବେ ଭାରତୀୟ ବଂଶୋଦ୍ଭବ
## ନାସା ମହାକାଶଯାତ୍ରୀ ଅନିଲ ମେନନ୍



ନୂଆଦିଲ୍ଲୀ : ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶଚାରୀ ଭାରତୀୟ ବଂଶୋଦ୍ଭବ ଅନିଲ ମେନନ୍ ଇତିହାସ ରଚିବାକୁ ଯାଉଛନ୍ତି । ଅନିଲ ମେନନ ଜୁଲାଇ ୧୪ ତାରିଖରେ ପ୍ରଥମ ଥର ପାଇଁ ଆର୍ନ୍ତଜାତିକ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍) ଯିବେ । ୪୯ ବର୍ଷୀୟ ମେନନ୍ ରୁଷୀୟ ମହାକାଶଚାରୀ ପେୟାତ୍ର ଡୁବ୍ରୋଭ ଓ ଆନ୍ନା କିକିନାଙ୍କ ସହ କାଜାଖସ୍ତାନର ବୈକୋନୁର କସମୋଡ୍ରୋମରୁ ରୋସକସମସ୍ ସୋୟୁଜ୍ ଏମ୍‌ଏସ୍-୨୯ ମହାକାଶଯାନରୁ ଉଡ଼ାଣ କରିବେ । ଏହି ମିଶନ ପ୍ରାୟ ଆଠ ମାସ ପର୍ଯ୍ୟନ୍ତ ଚାଲିବ । ମିନିଆପୋଲିସରେ ଭାରତୀୟ ଓ ୟୁକ୍ରେନୀୟ ପ୍ରବାସୀ ପିତାମାତାଙ୍କଠାରୁ ଜନ୍ମିତ ମେନନ ଚିକିତ୍ସା, ସାମରିକ ଓ ମାନବ ମହାକାଶ ଉଡ଼ାଣ କ୍ଷେତ୍ରରେ କ୍ୟାରିଅର ଗଢ଼ିଛନ୍ତି । ଆମେରିକା ବାୟୁସେନାରେ କାର୍ଯ୍ୟ କରୁଥିବା ସମୟରେ ମେନନଙ୍କୁ 'ଅପରେସନ ଏଣ୍ଡ୍ୟୁରିଂ ଫ୍ରିଡମ' ଆଫଗାନିସ୍ତାନରେ ନିୟୋଜିତ କରାଯାଇଥିଲା । ମାଉଂଟ ଏଭରେଷ୍ଟରେ ପର୍ବତାରୋହୀମାନଙ୍କୁ ଚିକିତ୍ସା ସେବା ଯୋଗାଉଥିବା ହିମାଳୟାନ ରେସକ୍ୟୁ ଆସୋସିଏସନ ସହିତ ମଧ୍ୟ କାମ କରିଥିଲେ । ମେନନ୍ ରୋଟାରୀ ଆମ୍ବାସାଡୋରିଆଲ୍ ସ୍କଲାର ଭାବରେ ଭାରତରେ ଗୋଟିଏ ବର୍ଷ ବିତାଇଥିଲେ ଓ ପୋଲିଓ ଟିକାକରଣ ପଦକ୍ଷେପରେ ସାମିଲ ଥିଲେ ।

# ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଷ୍ଟିଅରିଂ ଗ୍ରୁପ୍ ବୈଠକରେ
## ଯୋଗଦେଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ



ଭୁବନେଶ୍ୱର : ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନୂଆଦିଲ୍ଲୀସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ର ତୃତୀୟ ମିଶନ ଷ୍ଟିଅରିଂ ଗ୍ରୁପ୍ ବୈଠକରେ ଯୋଗଦେଇଛନ୍ତି । ବୈଠକରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଏପର୍ଯ୍ୟନ୍ତର ଅଗ୍ରଗତି ଓ ସଫଳତାର ସମୀକ୍ଷା କରାଯିବା ସହ ୨୦୨୬ରୁ ୨୦୩୧ ପର୍ଯ୍ୟନ୍ତ ମିଶନର ସମ୍ପ୍ରସାରଣ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ୨୦୨୬-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ସମ୍ପ୍ରସାରଣ ପାଇଁ ପ୍ରାୟ ୨,୭୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମିଶନ ଷ୍ଟିଅରିଂ ଗ୍ରୁପ୍‌ର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା । ମିଶନର ପରବର୍ତ୍ତୀ ପର୍ଯ୍ୟାୟରେ ଦେଶର ଦୁର୍ଗମ ଓ ଅନୁନ୍ନତ ଅଂଚଳରେ ଡିଜିଟାଲ ସ୍ୱାସ୍ଥ୍ୟ ସେବା କିପରି ପହଂଚି ପାରିବ ଓ ପ୍ରତ୍ୟେକ ନାଗରିକଙ୍କୁ ଆଭା ଆଇଡି ସହ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଏହାବ୍ୟତୀତ ଡାକ୍ତରୀ ସେବା, ରୋଗ ନିରୂପଣ ଏବଂ ସ୍ୱାସ୍ଥ୍ୟ ତଥ୍ୟ ପରିଚାଳନାରେ କୃତ୍ରିମ ବୁଦ୍ଧିମତା ର ବ୍ୟାପକ ବ୍ୟବହାର କରି ଚିକିତ୍ସା ସେବାକୁ ଅଧିକ ସହଜ, ଦ୍ରୁତ ଓ ସ୍ୱଚ୍ଛ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଦେଶର ସମସ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏକୀକୃତ ଡିଜିଟାଲ ସ୍ୱାସ୍ଥ୍ୟ ନେଟୱର୍କରେ ସାମିଲ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହାଦ୍ୱାରା ରୋଗୀମାନେ ଦେଶର ଯେକୌଣସି ସ୍ଥାନରୁ ନିଜର ପୂର୍ବ ଚିକିତ୍ସା ରେକର୍ଡ ସହଜରେ ଉପଲବ୍ଧ କରି ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ।

# ପ୍ରକାଶ ପାଇଲା ୨ ବର୍ଷିଆ ବି.ଏଡ୍, ଏମ୍.ଏଡ୍
## ଏବଂ ବି.ଏଚ.ଏଡ୍ ପ୍ରବେଶିକା ପରୀକ୍ଷା ଫଳ



ଭୁବନେଶ୍ୱର: ପ୍ରକାଶ ପାଇଲା ୨ ବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ.ଏଡ୍ ପ୍ରବେଶିକା ପରୀକ୍ଷା ରେଜଲ୍ଟ । ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଦୁଇ ବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଅନୁଷ୍ଠିତ ହୋଇଥିଲା ଏହି ପ୍ରବେଶିକା ପରୀକ୍ଷା । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ରେଜଲ୍ଟ ଦେଖି ପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ମୋଟ ୩୧ଟି ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବି.ଏଡ୍ ପାଇଁ ୨୪୫୦, ଏମ୍.ଏଡ୍ ପାଇଁ ୩୦୦ ଏବଂ ବି. ଏଚ. ଏଡ୍ ପାଠ୍ୟକ୍ରମ ପାଇଁ ୫୦ଟି ସିଟ୍ ରହିଛି । ବିଏଡ୍ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୦୯,୮୭୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୯୮,୧୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେହିପରି ଏମ୍. ଏଡ୍ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୭୮୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ ଏବଂ ତନ୍ମଧ୍ୟରୁ ୧,୩୧୮ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ । ବି.ଏଚ.ଏଡ୍ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୮୭୯ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୧,୫୪୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

# ଜୁନିୟର ପୁରୁଷ ହକି: ଭାରତୀୟ ଦଳରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ୭ ଜଣ କ୍ୟାଡେଟ୍




ଭୁବନେଶ୍ୱର: ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଂଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)କୁ ଆଉ ଏକ ବଡ଼ ସଫଳତା ମିଳିଛି । ବେଲଜିୟମ ଗସ୍ତ ପାଇଁ ମନୋନିତ ହୋଇଥିବା ଜୁନିୟର ଭାରତୀୟ ପୁରୁଷ ହକି ଦଳରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ୭ ଜଣ କ୍ୟାଡେଟ୍ ସାମିଲ ହୋଇଛନ୍ତି । ଜୁଲାଇ ୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ ଅନୁଷ୍ଠିତ ହେବ । ଓଡ଼ିଶା ନାଭାଲ ଟାଟା ହକି ଏକାଡେମୀର ପ୍ରତିଭାବାନ ଖେଳାଳି ଅନମୋଲ ଏକ୍କା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ଅନମୋଲଙ୍କ ସମେତ ସେଂଟରର ଅନ୍ୟ ୬ ଜଣ କ୍ୟାଡେଟ୍ ବିବେକ ଲାକ୍ରା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା, ସଞ୍ଜିତ ତିର୍କୀ, ଆର୍ୟାନ ଖେସ ଏବଂ ମୁକେଶ ଟପ୍ପୋ ଏହି ଟିମ୍‌ରେ ସାମିଲ ହୋଇଛନ୍ତି । ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଆଜି ଦେଶର ଅଗ୍ରଣୀ ହକି ବିକାଶ ଏକାଡେମୀ ଭାବେ ପରିଚୟ ସୃଷ୍ଟି କରିଛି । ଏଚ୍‌ପିସିର ୭ ଜଣ ଖେଳାଳି ଜାତୀୟ ଦଳ ପାଇଁ ମନୋନୀତ ହେବା ଓଏନ୍‌ଟିଏଚ୍‌ଏଚ୍‌ପିସିର ଏକ ଉଲ୍ଲେଖନୀୟ ସଫଳତା । ଏହି ବେଲଜିୟମ ଗସ୍ତ, ଜୁନିୟର ଭାରତୀୟ ପୁରୁଷ ଦଳକୁ ୟୁରୋପୀୟ ଖେଳାଳୀଙ୍କ ବିପକ୍ଷରେ ଖେଳିବାର ସୁଯୋଗ ଦେବା ସହ ଆଗାମୀ ଆନ୍ତର୍ଜାତୀୟ ଟୁର୍ନାମେଂଟ ପାଇଁ ଏକ ପ୍ରସ୍ତୁତ କରିବ ।

# ଭାରତୀୟ ହାଇଜମ୍ପର ଡାଇମଣ୍ଡ ଲିଗ୍‌ରେ
## ପଦାର୍ପଣ କରିବେ ସର୍ବେଶ କୁଶାରେ



ନୂଆଦିଲ୍ଲୀ: ସଦ୍ୟ ନୂଆ ଜାତୀୟ କୀର୍ତ୍ତିମାନର ଅଧିକାରୀ ହୋଇଥିବା ଭାରତୀୟ ହାଇ ଜମ୍ପର ସର୍ବେଶ କୁଶାରେ ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ । ମୋନାକୋରେ ଆୟୋଜିତ ହେବାକୁ ଥିବା ଡାଇମଣ୍ଡ ଲିଗ୍‌ରେ ବିଶ୍ୱର ଏଲିଟ୍ ହାଇ ଜମ୍ପରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ । ୩୧ ବର୍ଷୀୟ କୁଶାରେଙ୍କ ସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ୩ ଥରର ବିଶ୍ୱବିଜେତା କତରର ମୁତାଜ ଇସା ବାର୍ସିମ ସହ ଟ୍ରଫି ଲଢ଼େଇକୁ ଓହ୍ଲାଇବେ । ୧୦ ଜଣିଆ ଏହି ପ୍ରତିଯୋଗିତାରେ ବାର୍ସିମଙ୍କ ବାଦ୍ ୨୦୨୫ ବିଶ୍ୱ କାଂସ୍ୟ ବିଜେତା ଚେକ୍ ଗଣରାଜ୍ୟର ଜାନ୍ ଷ୍ଟିଫେଲା, ବିଶ୍ୱ ଇନ୍‌ଡୋର ବିଜେତା ୟୁକ୍ରେନ୍‌ର ଓଲେ ଡୋରୋସ୍‌ଚୁକ୍, ୨୦୨୩ ବିଶ୍ୱ ରୌପ୍ୟ ବିଜେତା ଆମେରିକାର ଜୁଭନ୍ ହାରିସନ୍ ରହିଛନ୍ତି । ଗତ ମାସରେ ଭୁବନେଶ୍ୱରରେ ଆୟୋଜତି ଜାତୀୟ ଅନ୍ତଃରାଜ୍ୟ ପ୍ରତିଯୋଗିତାରେ ୨.୩୧ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା କୁଶାରେ ଚଳିତ ଋତୁରେ ଶ୍ରେଷ୍ଠ ମାର୍କରେ ଗ୍ରେଟ୍ ବ୍ରିଟେନ୍‌ର ଜାକ୍ କିମିନିଙ୍କ ସହ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି । ଉଭୟଙ୍କଠୁ ଆଗରେ ଡୋରୋସ୍‌ଚୁକ୍ ରହିଛନ୍ତି । ଜୁନ୍ ୨୭ରେ ତେଜସ୍ୱିନ ଶଙ୍କର (୨.୨୯ ମିଟର)ଙ୍କ ନାମରେ ୮ ବର୍ଷ ତଳର କୀର୍ତ୍ତିମାନ ଭାଙ୍ଗିଥିଲେ । ସଂପ୍ରତି ସେ ଏସୀୟ ଲଙ୍ଗ ଜମ୍ପରଙ୍କ ମଧ୍ୟରେ ୧ ନଂ ସ୍ଥାନରେ ରହିଛନ୍ତି । ସେ ମଧ୍ୟ ପ୍ରଥମ ଭାରତୀୟ ପୁରୁଷ ହାଇଜମ୍ପର ଭାବେ ଗତ ବର୍ଷ ଟୋକିଓ ?ରେ ଆୟୋଜିତ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**